

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ବୁଧବାର ୦୩ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 03 MARCH 2021
Vol.No. 32 ■ No. 59 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## ଗଂଜାମର ଦକ୍ଷିଣ ଆଫ୍ରିକା ଫେରନ୍ତା କରୋନା ପଜିଟିଭ୍

ଭୁବନେଶ୍ୱର,୦୨/୦୩ (ନି.ପ୍ର): ଗଞ୍ଜାମରୁ ଜଣେ ଦକ୍ଷିଣ ଆଫ୍ରିକା ଫେରନ୍ତା କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ଠିକ ଅଛି। ଜଣେ ତାଙ୍କ ପରିବାରର ଜଣେ ହସ୍ପିଟାଲରେ ଥିଲେ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଂଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପଜିଟିଭ ବାହାରିଲା ପରେ ଆଇଏଲଏସ୍ କୁ ଜେନମ ପଠାଇଛୁ। ସେମାନେ ଏନସିଡିଏସ୍ କୁ ପଠାଇବେ। ଆମେ ବାଲେଶ୍ୱରର ଗୋଟିଏ କେସ୍ ଓ ଗଞ୍ଜାମର ୪ କେସ ରେ ନମୂନା ପଠାଇଛୁ। ଏମାନଙ୍କ ମଧ୍ୟରୁ ଗଞ୍ଜାମର ଜଣେ ଦକ୍ଷିଣ ଆଫ୍ରିକାରୁ ଆସିଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ଆଇସୋଲେସନ୍ ରେ ଅଛନ୍ତି। ଅପରପକ୍ଷରେ ବୁର୍ଲାରେ ସ୍ଥିତି ଭଲ ଅଛି। ବୁର୍ଲାରେ କଂଟେନମେଂଟ ଜୋନ ହଟିବା ନିଷ୍ପତି ସମ୍ବଲପୁର ଜିଲ୍ଲା ପ୍ରଶାସନ ନେବ। ସୁସ୍ଥ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ହଷ୍ଟେଲରେ ରଖାଯାଇଛି ବୋଲି ସେ କହିଛନ୍ତି।

## ୧୦ ବରିଷ୍ଠ ଅଧିକାରୀଙ୍କୁ ଆକାଂକ୍ଷୀ ଜିଲ୍ଲା ଦାୟିତ୍ୱ

ଭୁବନେଶ୍ୱର,୦୨/୦୩ (ନି.ପ୍ର): ରାଜ୍ୟର ୧୦ ଆକାଂକ୍ଷୀ ଜିଲ୍ଲା ପାଇଁ ୧୦ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଏପ୍ରିଲ ୧ ତାରିଖ ଠାରୁ ୩ ମାସ ପାଇଁ ଜିଲ୍ଲା ଦାୟିତ୍ୱରେ ରହିବେ ଏହି ୧୦ ବରିଷ୍ଠ ଅଧିକାରୀ । ସେମାନେ ସମ୍ପୃକ୍ତ ଅଂଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜଳସେଚନର ସମୀକ୍ଷା କରିବେ । ସୂଚନା ଅନୁଯାୟୀ, ନୂଆପଡ଼ା ଜିଲ୍ଲା ପାଇଁ ବିଷ୍ଣୁପଦ ସେଠୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ରାୟଗଡ଼ା- ନିକୁଞ୍ଜ ଧଳ, ନବରଙ୍ଗପୁର- ଅରବିନ୍ଦ ଅଗ୍ରୱାଲ, କନ୍ଧମାଳ- ମଧୁସୂଦନ ପାଢ଼ୀ, ବଲାଙ୍ଗିର-ସୁରେନ୍ଦ୍ର କୁମାର, ଗଜପତି- ଭାସ୍କରଜ୍ୟୋତି ଶର୍ମା, କଳାହାଣ୍ଡି- ସତ୍ୟବ୍ରତ ସାହୁ, ମାଲକାନଗିରି- ଏନ.ବି. ଜାୱେଲ, ଢେଙ୍କାନାଳ- ରଞ୍ଜନା ଚୋପ୍ରା, କୋରାପୁଟ- ସନ୍ତୋଷ ଷଡ଼ଙ୍ଗୀ ପ୍ରମୁଖ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୧୨,୨୮୬ ନୂଆ ମାମଲା

ନୂଆଦିଲ୍ଲୀ,୦୨/୦୩ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୧୨,୨୮୬ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୯୧ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୧୧,୨୪,୫୨୭ ପହଂଚିଛି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧,୬୮,୩୫୮ ଥିବା ବେଳେ ବର୍ତମାନ ସୁଦ୍ଧା ୧,୫୭,୨୪୮ ଜଣ ମୃତ୍ୟୁ ବରଣ କରିଛନ୍ତି।

# ଗାଡ଼ିରୁ ଧରାପଡ଼ିଲା ୭କୋଟି ୯୦ ଲକ୍ଷ ନକଲି ନୋଟ


## ଛତିଶଗଡ଼ ରାୟପୁରରୁ ବିଶାଖାପାଟଣାକୁ ହେଉଥିଲା ଚୋରା ଚାଲଣ; ୩ ଚାଲାଣକାରୀ ଗିରଫ



କୋରାପୁଟ,୦୨/୦୩ (ନି.ପ୍ର): ୭କୋଟି ୯୦ ଲକ୍ଷ ଟଙ୍କାର ନକଲି ନୋଟ ଜବତ । କୋରାପୁଟ ଶୁଙ୍କି ଫାଣ୍ଡି ପୋଲିସ ଓ ପଟାଙ୍ଗି ପୋଲିସ ଦ୍ୱାରା ଜାଲ ନୋଟ ଜବତ ହୋଇଛି । ଛତିଶଗଡ଼ ରାୟପୁରରୁ ବିଶାଖପାଟଣା ଚାଲାଣ କରାଯାଉଥିବା ବେଳେ ପୋଲିସ ହାତରେ ଧରାପଡ଼ିଛନ୍ତି ନକଲି ନୋଟ ଚାଲାଣକାରୀ । ସମସ୍ତ ନକଲି ନୋଟ ୫ଶହ ଟଙ୍କିଆ ହୋଇଥିବା ସୂଚନା ଦେଇଛନ୍ତି ସୁନାବେଡ଼ା ଏସଡ଼ିପିଓ ନିରଂଜନ ବେହେରା । ନକଲି ନୋଟ ଚାଲାଣ ହେଉଥିବା ଗାଡ଼ିକୁ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି ପୋଲିସ । ୩ଜଣଙ୍କ ଘର ଛତିଶଗଡରେ ବୋଲି ସୂଚନା ଦେଇଛି ପୋଲିସ । ଏହି ଘଟଣାରେ ସମ୍ପୃକ୍ତ ଥିବା ଲୋକଙ୍କୁ ପୋଲିସ ଗିରଫ କରି ଅଧିକା ତଦନ୍ତ ଜାରି ରଖିଛି । ତେବେ ଏହି ନକଲି ନୋଟର ଚେର କେତେ ଦୁର ଲମ୍ବିଛି ତାକୁ ନେଇ ଅଧିକ ପଚରା ଉଚରା କରିବ ପୋଲିସ ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁସୂଚିତ ଜନଜାତି ଓ ଜାତି ବିଭାଗରେ ୫-ଟି କାର୍ଯ୍ୟକ୍ରମ

# ୫୦ ହଜାର ଛାତ୍ରଛାତ୍ରୀଙ୍କୁ ୧୦୧ କୋଟି ଟଙ୍କାର ବୃତ୍ତି



ଭୁବନେଶ୍ୱର,୦୨/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭିଡିଓ କନଫରେନସିଂ ଜରିଆରେ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଅନୁସୂଚିତ ଜନଜାତି , ଜାତି ବିକାଶ ବିଭାଗର ଅନେକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏଥିରେ ୩ଟି ଆକାଂକ୍ଷା ହଷ୍ଟେଲ ଓ ୬୮ ଟି ଅନ୍ୟ ଛତ୍ରାବାସ ଉଦଘାଟନ, ହଷ୍ଟେଲରେ ରହୁଥିବା ୫.୭୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ମୋ ଛାତ୍ରାବାସ କାର୍ଡ ,୫୦ ହଜାର ଛାତ୍ରଛାତ୍ରୀଙ୍କୁ ବୃତି , ମାତୃଭାଷା ଭିତିକ ଶିକ୍ଷାଦାନ ସଂହତି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହିସବୁ କାର୍ଯ୍ୟକ୍ରମ ଗୁଡିକ ବିଭାଗର କାର୍ଯ୍ୟକ୍ରମ ରେ ଅଧିକ ଦକ୍ଷତା ଓ ସ୍ୱଚ୍ଛତା ଆଣିବାରେ ସହାୟକ ହେବ। ଏ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉଦବୋଧନ ଦେଇ କହିଲେ ଯେ ଶିକ୍ଷା ହେଉଛି ପରିବର୍ତନର ଆଧାର। ଆଜି ଜନଜାତି ପିଲାମାନେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ଦେଖାଇ ପାରିଛନ୍ତି। ପ୍ରାଥମିକ ଶିକ୍ଷା ପାଇଁ ମାତୃଭାଷା ସବୁଠାରୁ ଉତମ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ମାତୃଭାଷା ଜରିଆରେ ହିଁ ପିଲାମାନେ ସହଜରେ ଶିକ୍ଷା ଗ୍ରହଣ କରିପାରନ୍ତି। ଆଜି ଆରମ୍ଭ ହେଉଥିବା ସଂହତି କାର୍ଯ୍ୟକ୍ରମ ଦ୍ୱାରା ଦେଢଲକ୍ଷ ପିଲା ସୁବିଧାରେ ପାଠ ପଢି ପାରିବେ । ସେହିପରି ହଷ୍ଟେଲ ରେ ରହୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ମୋ ଛାତ୍ରାବାସ କାର୍ଡ,ଓଡିଶା ରାଜ୍ୟ ବୃତି ପୋର୍ଟାଲ ରେ ମାଟ୍ରିକ୍ ପରବର୍ତୀ ଛାତ୍ରବୃତି ସିଧା ସଳଖ ବ୍ୟାଙ୍କ ଆକାଉଂଟରେ ପ୍ରଦାନ କରାଯାଉଛି । ▶▶ପୃଷ୍ଠା ୭

# ପୁଣି ବଦଳିଲା ସ୍କୁଲ ସମୟ




ଭୁବନେଶ୍ୱର,୦୨/୦୩ (ନି.ପ୍ର): ପୁଣି ବଦଳିଲା ସ୍କୁଲ୍ ଟାଇମ୍ । ପ୍ରଚଣ୍ଡ ଖରା ପାଇଁ ସକାଳୁଆ ସ୍କୁଲର ସମୟ ପରିବର୍ତନ କଲା ସ୍କୁଲ ଓ ଗଣଶିକ୍ଷା ବିଭାଗ । ତେବେ ନବମ, ଏକାଦଶ ପିଲାଙ୍କ ପାଇଁ ସକାଳ ୭ରୁ ୯ଟା ସ୍କୁଲ ସମୟ ଅପରିବର୍ତ୍ତିତ ଥିବାବେଳେ କେବଳ ଦଶମ, ଦ୍ୱାଦଶ ପିଲାଙ୍କ ପାଇଁ ସ୍କୁଲ ସମୟ ପରିବର୍ତ୍ତନ କରିଛି ବିଭାଗ । ତେବେ ଦଶମ, ଦ୍ୱାଦଶ ପିଲାମାନଙ୍କ ପାଇଁ ସକାଳ ୮ରୁ ୧୨ଟା ପର୍ଯ୍ୟନ୍ତ ଚାଲିବ ସ୍କୁଲ । ତେବେ ପୂର୍ବରୁ ଦଶମ, ଦ୍ୱାଦଶ ପିଲାଙ୍କ ସ୍କୁଲ ସମୟ ୯ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଥିଲା ଏବଂ ନବମ ଓ ଏକାଦଶ ଶ୍ରେଣୀର ସ୍କୁଲ ସମୟ ୭ରୁ ୯ଟା ଥିଲା କିନ୍ତୁ ଏବେ ଅସହ୍ୟ ଖରା ଯୋଗୁଁ ସ୍କୁଲ ପିଲାଙ୍କ ସମୟ ପରିବର୍ତନ କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ନିଷ୍ପତି ।

## ଆରଆରବି ପରୀକ୍ଷାର୍ଥୀଙ୍କ ପାଇଁ ହୋମ୍ କ୍ୱାରେଂଟିନ୍ ନିୟମ କୋହଳ

ଭୁବନେଶ୍ୱର,୦୨/୦୩ (ନି.ପ୍ର): ରେଳ ପରୀକ୍ଷାର୍ଥୀଙ୍କ ଲାଗି ହୋମ୍ କ୍ୱାରେଂଟିନ୍ ନିୟମ କୋହଳ କରିଛନ୍ତି ରାଜ୍ୟ ସରକାର। ମାର୍ଚ୍ଚ ୩ରୁ ୩୧ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବ ରେଳବାଇ ପରୀକ୍ଷା ଅନୁଷ୍ଠିତ ହେବ। ଭୁବନେଶ୍ୱରରେ ପରୀକ୍ଷା ଦେବାକୁ ୧୦୫୦୦ ପରୀକ୍ଷାର୍ଥୀ ଆଡମିଟ୍ କାର୍ଡ ପାଇଛନ୍ତି। ଷ୍ଟେସନ୍ କିମ୍ବା ଏୟାରପୋର୍ଟରେ ଆଡମିଟ୍ କାର୍ଡ ଦେଖାଇଲେ କୋହଳ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏନେଇ ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସମସ୍ତ ଜିଲ୍ଲାପାଳ , ରେଳବାଇ ଓ ଏୟାରପୋର୍ଟ କର୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି।

# ସୁପ୍ରିମକୋର୍ଟରେ ପହଂଚିଲେ କଙ୍ଗନା ରାନାୱତ ଓ ଭଉଣୀ ରଙ୍ଗୋଲି ଚାନ୍ଦଲେ

## ମୁମ୍ବାଇରେ ଚାଲିଥିବା ତିନୋଟି ମାମଲା ହିମାଚଳକୁ ସ୍ଥାନାନ୍ତର କରିବାକୁ ଦାବି



ନୂଆଦିଲ୍ଲୀ,୦୨/୦୩ (ନି.ପ୍ର): ବଲିଉଡ଼ ଅଭିନେତ୍ରୀ କଙ୍ଗନା ରାନାୱତ ଏବଂ ତାଙ୍କ ଭଉଣୀ ରଙ୍ଗୋଲି ଚାନ୍ଦଲେ ମୁମ୍ବାଇରେ ହୋଇଥିବା ତିନୋଟି ମାମଲା ହିମାଚଳ ପ୍ରଦେଶକୁ ସ୍ଥାନାନ୍ତର କରିବାକୁ ସୁପ୍ରିମକୋଟରେ ଆବେଦନ କରିଛନ୍ତି । ଏହି ଆବେଦ ପତ୍ରରେ କୁହାଯାଇଛି ଯେ, ଯଦି ମୁମ୍ବାଇରେ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ ହୁଏ, ତେବେ ତାଙ୍କ ବିରୁଦ୍ଧରେ ଶିବସେନା ନେତାଙ୍କ ଯୋଗୁଁ ତାଙ୍କ ଜୀବନ ପ୍ରତି ବିପଦ ଆସିପାରେ । ତାଙ୍କ ଜୀବନ ପ୍ରତି ଭୟଭୀତ ହୋଇ ଗୃହ ମନ୍ତ୍ରଣାଳୟ ୱାଇ ପ୍ଲସ୍ ବର୍ଗର ସୁରକ୍ଷା ଦେଇଛି ବୋଲି ଆବେଦନପତ୍ରରେ କୁହାଯାଇଛି । ଏଥିରୁ ସ୍ପଷ୍ଟ ଯେ, ଯଦି ତାଙ୍କ ବିରୁଦ୍ଧରେ ମାମଲା ହିମାଚଳ ପ୍ରଦେଶକୁ ହସ୍ତାନ୍ତର ନ ହୁଏ, ତାହେଲେ ତାଙ୍କ ଜୀବନ ବିପଦରେ ପଡ଼ିପାରେ । ଗୀତିକାର ଜାଭେଦ୍ ଅଖତାର କଙ୍ଗନାଙ୍କ ବିରୁଦ୍ଧରେ ଅପରାଧିକ ଅବମାନନା ଆବେଦନ କରିଛନ୍ତି। ହିନ୍ଦୁ ଓ ମୁସଲମାନ ମାନଙ୍କ ମଧ୍ୟରେ ଘୃଣାଭାବ ବ୍ୟାପିଥିବା ଅଭିଯୋଗ କରି ଓକିଲ ଅଲି କାଶୀଫ ଖାନ ମଧ୍ୟ କଙ୍ଗନାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛନ୍ତି । କାଷ୍ଟିଂ ନିର୍ଦ୍ଦେଶକ ମୁନାୱର ଅଲି ସୈଦଙ୍କ ଦ୍ୱାରା ସୋସିଆଲ ମିଡ଼ିଆରେ ସାମ୍ପ୍ରଦାୟିକ ଭେଦଭାବ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି । ଏହି ଆବେଦରେ ଦର୍ଶାଯାଇଛି ଯେ, ସଂଜୟ ରାଉତ ଜଣେ ବରିଷ୍ଠ ଶିବସେନା ନେତା ଓ ସାଂସଦ । ଏହି ଆବେଦନରେ କୁହାଯାଇଛି ଯେ, ସଂଜୟ ରାଉତ କଙ୍ଗନାଙ୍କ ବିରୁଦ୍ଧରେ ଅଶାଳୀନ ମନ୍ତବ୍ୟ ଦେଇଛନ୍ତି। ଏହା ବ୍ୟତୀତ ଶିବସେନାଙ୍କ ନେତୃତ୍ୱାଧିନ ବିଏମସି ପାଲି ହିଲରେ ଥିବା ତାଙ୍କ ବଙ୍ଗଳାକୁ ଭଙ୍ଗାରୁଜା କରିଛି । ବିଏମସିର ଭଙ୍ଗାକୁ ବମ୍ବେ ହାଇକୋର୍ଟ ଭୁଲ୍ କହିଥିଲେ ।

# ଆଜି ବିକନ ବିଶ୍ୱାଳର ଟିଆଇ ପରେଡ୍

## ୨ ଦିନିଆ ରିମାଣ୍ଡରେ ନେବ ସିବିଆଇ : ୨୨ ବର୍ଷ ପରେ ବିକନକୁ ଚିହ୍ନିବେ ଅଞ୍ଜନା



ଭୁବନେଶ୍ୱର,୦୨/୦୩ (ନି.ପ୍ର): ବହୁଚର୍ଚ୍ଚିତ ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ ମାମଲାର ମୁଖ୍ୟ ଅଭିଯୁକ୍ତ ଗିରଫ ବିକନ ବିଶ୍ୱାଳର ଆସନ୍ତାକାଲି (ବୁଧବାର) ଟିଆଇ ପରେଡ୍ ହେବ। ଏଥିପାଇଁ ଆଜି ସ୍ୱତନ୍ତ୍ର ସିବିଆଇ ଜଜ୍ ଅନୁମତି ଦେଇଛନ୍ତି। ଝାରପଡ଼ା ଜେଲରେ ଦିନ ୧୦ଟାରେ ଜେଏମଏଫସି ସୁଜାଲିନ ମହାନ୍ତିଙ୍କ ଉପସ୍ଥିତିରେ ଏହି ଟିଆଇ ପରେଡ୍ କରାଯିବ । ଏଥିପାଇଁ ସିବିଆଇର ଏକ ଟିମ୍ ଅଞ୍ଜନା ମିଶ୍ରଙ୍କୁ ନେଇ ଝାରପଡ଼ା ଜେଲ ଯିବ। ଅନ୍ୟପକ୍ଷରେ ବିକନକୁ ୫ ଦିନ ପାଇଁ ରିମାଣ୍ଡରେ ନେବାକୁ ସିବିଆଇ ଆବେଦନ କରିଥିଲେ ମଧ କୋର୍ଟ ୨ ଦିନ ପାଇଁ ଅନୁମତି ଦେଇଛନ୍ତି । ଆସନ୍ତା ୪ ଓ ୫ ତାରିଖ ଦୁଇଦିନ ପାଇଁ ବିକନକୁ ରିମାଣ୍ଡରେ ନେବାକୁ ସିବିଆଇକୁ ଅନୁମତି ମିଳିଛି । ଏହି ଟିଆଇ ପରେଡ ସମ୍ପର୍କରେ ପ୍ରତିକ୍ରିୟା ରଖି ଅଞ୍ଜନା କହିଛନ୍ତି ଯେ ଦୀର୍ଘ ୨୨ ବର୍ଷ ପରେ ସେ ଅଭିଯୁକ୍ତକୁ ଚିହ୍ନିବା କଷ୍ଟକର ବ୍ୟାପାର । ଅନ୍ୟପକ୍ଷରେ ବିକନକୁ କିଏ ଫେରାର କଲା ତାହା ସାମ୍ନାକୁ ଆସୁ ବୋଲି ସେ ଦାବି କରିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ୧୯୯୯ ମସିହା ଜାନୁଆରୀ ୯ ତାରିଖ ରାତିରେ କଟକ-ବାରଙ୍ଗ ଥାନା ଅଂଚଳରେ ଅଞ୍ଜନା ମିଶ୍ରଙ୍କୁ ବିକନ ବିଶ୍ୱାଳ, ପ୍ରଦୀପ ସାହୁ ଓ ଧିରେନ୍ଦ୍ର ମହାନ୍ତି ଗଣଦୁଷ୍କର୍ମ କରିଥିଲେ। ଘଟଣାର ୧୭ ଦିନ ପରେ ଗିରଫ ହୋଇଥିଲେ ପ୍ରଦୀପ ଓ ଧିରେନ୍ଦ୍ର। ହେଲେ ମୁଖ୍ୟ ଅଭିଯୁକ୍ତ ବିକନ ଫେରାର ହୋଇଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ସିବିଆଇ ତଦନ୍ତ ଭାର ନେଇଥିଲା ।

# ଖରାପ କିଟ୍‌ରୁ ଭିସୁଟ୍ ଛାତ୍ର କରୋନା ପଜିଟିଭ୍

## କିଟ୍ ଯୋଗାଇଥିବା ୨ କମ୍ପାନୀକୁ ସୋ କଜ୍




ଭୁବନେଶ୍ୱର,୦୨/୦୩ (ନି.ପ୍ର): କିଟ୍ ଖରାପ ଥିବା ଯୋଗୁଁ ବୁର୍ଲା ସ୍ଥିତ ଭିସୁଟର ଛାତ୍ର କରୋନା ପଜିଟିଭ୍ ଆସିବା ଘଟଣାରେ କିଟ୍ ଯୋଗାଇଥିବା କମ୍ପାନୀକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଦିଲ୍ଲୀର ଓସ୍କାର ମେଡିକେୟାର କମ୍ପାନୀଓ ହରିୟାଣାର ଆଲପାଇନ୍ ବାୟୋମେଡିକାଲସ୍ କୁ ରାଜ୍ୟ ଔଷଧ ନିଗମ ଏହି ନୋଟିସ୍ ଜାରି କରିଛନ୍ତି। କାହିଁକି କାର୍ଯ୍ୟାନୁଷ୍ଠାନ ନନିଆଯିବ ୩ ଦିନ ମଧ୍ୟରେ ଜଣାଇବାକୁ ନୋଟିସ୍ ରେ ଉଲ୍ଲେଖ କରାଯାଇଛି। ଫେବ୍ରୁଆରୀ ୨୭ରେ ଭିସୁଟ୍ ର ମୋଟ ୨୫ ଛାତ୍ର କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ଆଜି କିଟ୍ ଖରାପ ଥିବା ଯୋଗୁଁ ସେମାନଙ୍କ ରିପୋର୍ଟ ପଜିଟିଭ ଆସିଥିଲା ବୋଲି ରାଜ୍ୟ ଅତିରିକ୍ତ ମୁଖ୍ୟ ଶଶସନ ସଚିବ ପ୍ରଦୀପ୍ତ ମହାପାତ୍ର ସ୍ପଷ୍ଟ କରିଥିଲେ। ସେ କହିଥିଲେ ଯେ ▶▶ପୃଷ୍ଠା ୭

# ପିପିଲି ଉପନିର୍ବାଚନ ପାଇଁ ପ୍ରସ୍ତୁତି ଚୂଡାନ୍ତ



ଭୁବନେଶ୍ୱର,୦୨/୦୩ (ନି.ପ୍ର): ପିପିଲି ଉପନିର୍ବାଚନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇଛି ବୋଲି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ। ସେ କହିଛନ୍ତି, ଉପନିର୍ବାଚନ ପାଇଁ କେନ୍ଦ୍ର ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି। ବୁଥ୍ ଚିହ୍ନଟ ସହ ପୋଲିଂ କର୍ମଚାରୀଙ୍କ ତାଲିକା ମଧ ପ୍ରସ୍ତୁତ ହୋଇସାରିଛି। ପ୍ରତି ବୁଥ୍ ରେ ହଜାରେ ମଧ୍ୟରେ ଭୋଟର ଭୋଟ ଦେବେ। ଅଧିକ ବୁଥ୍ ପ୍ରତିଷ୍ଠା ଲାଗି ମଧ ବୁଥ୍ ଚିହ୍ନଟ ହୋଇଛି ବୋଲି ସେ କହିଛନ୍ତି। ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ବିୟୋଗ ପରେ ସେହି ଆସନଟି ଖାଲି ପଡ଼ିଛି। ସେଠାରେ ହେବାକୁ ଥିବା ଉପନିର୍ବାଚନରେ କିଏ ପ୍ରତିଦ୍ୱନ୍ଦୀତା କରିବେ ତାକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଥିବା ବେଳେ ମହାରଥୀଙ୍କ ପୁଅ ରୁଦ୍ର ଓ ପତ୍ନୀ ପ୍ରତିଭା ମହାରଥୀ ନାଁ ଚର୍ଚ୍ଚାରେ ରାହିଛି।

## ଦିନ ଦ୍ୱିପହରରେ ରାଜଧାନୀରେ ଲୁଟ

# ଚା'ରେ ନିଶା ଦେଇ ଟଙ୍କା ସହ ସୁନା ମୁଦି ଲୁଟି ନେଲେ ଦୁର୍ବୃତ୍ତ



ଭୁବନେଶ୍ୱର,୦୨/୦୩ (ନି.ପ୍ର): ଦିନ ଦ୍ୱିପହରରେ ରାଜଧାନୀରେ ଲୁଟ । ଚା'ରେ ନିଶା ଦେଇ ଯୁବକଙ୍କଠାରୁ ଟଙ୍କା ସହ ସୁନା ମୁଦି ଲୁଟି ନେଲେ ଦୁର୍ବୃତ୍ତ । ଲୁଟ କରିବା ପରେ ଭରତପୁର ଜଙ୍ଗଲରେ ଫୋପାଡ଼ି ଦେଲେ ଦୁର୍ବୃତ୍ତ । ସୂଚନା ଅନୁସାରେ ବ୍ରହ୍ମପୁରରୁ ବସ ଧରି ଭୁବନେଶ୍ୱର ଆସିଥିଲେ ଗଙ୍ଗାଧର ସାହୁ । ବସରେ ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ଦେଖା ସାକ୍ଷାତ ହୋଇଥିଲା । ବରମୁଣ୍ଡା ବସଷ୍ଟାଣ୍ଡରେ ପହଂଚିବା ପରେ ସେହି ବ୍ୟକ୍ତି ଜଣଙ୍କ ଗଙ୍ଗାଧରକୁ ଚା ପିଇବାକୁ ଦେଇଥିଲେ । ଏହା ପରେ ଲୁଟ କରିଥିବା ବ୍ୟକ୍ତି ଜଣଙ୍କ ଓଲା ବୁକ କରି ▶▶ପୃଷ୍ଠା ୭

# ଖରିଫ ଧାନ କିଣାରେ ଅନିୟମିତତା ଓ ଅବ୍ୟବସ୍ଥା ପାଇଁ ଚାଷୀ ହନ୍ତସନ୍ତ

## ଭଣ୍ଡାରିପୋଖରୀ ବିଜେପିର ଆନ୍ଦୋଳନ ଚେତାବନୀ

ଭଦ୍ରକ,୨।୩ (ନି.ପ୍ର): ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀରେ ମଣ୍ଡିରେ ମନୁଷ୍ୟକୃତ ସମସ୍ୟା ତଥା ମିଲର, ଯୋଗାଣ ବିଭାଗ,ସମବାୟ ବିଭାଗ ଓ ଶାସକ ଦଳର ନେତାମାନଙ୍କର ମଧୁଚନ୍ଦ୍ରିକାରେ ଚାଷୀ ଶୋଷଣର ଶିକାର ହେଉଛି । ଧାନକ୍ରୟ ନିମିତ୍ତ ଆଦେଶ ପାଇଥିବା ମହିଳା ମହାସଂଘ ଗୁଡିକ ଦଳୀୟ ଭିତ୍ତିରେ ଚୟନ ଓ ସ୍ଥାନୀୟ ଶାସକ ଦଳର ନେତାମାନଙ୍କ ଇଙ୍ଗିତରେ ପରିଚାଳିତ ହେଉଥିବା ଦୃଷ୍ଟିରୁ ଧାନକିଣାରେ ସ୍ୱଚ୍ଛତା ରହୁନାହିଁ ।ଏହିପରି ଅନେକ ସମସ୍ୟା ମଧ୍ୟରେ ଚାଷୀ ପେଷି ହେଉଥିବା ବେଳେ ସରକାର ନିରବଦ୍ରଷ୍ଟା ସାଜିଛି । ଯାହାକୁ ନେଇ ଆଜି ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ବିଜେପି ନେତା ବଦ୍ରିନାରାୟଣ ଧଳ ବିଭାଗୀୟ ଅଧିକାରୀଙ୍କୁ ଭେଟି ପୁନଃ ଦୃଷ୍ଟି ଆକର୍ଷଣ କରିବା ସହ ଦାବି ପୂରଣ ନହେଲେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି ।ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଅନୁପସ୍ଥିତିରେ ଦୁଇ ଜିଲ୍ଲା ସହ ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା ସମୟରେ ସେ ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକରେ



ଚାଷୀ ପଞ୍ଜିକରଣ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ହେତୁ ପାଖାପାଖି ୨୦୦୦ ଚାଷୀ ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ମଧ୍ୟ ମଣ୍ଡିରେ ଧାନ ବିକ୍ରି କରିପାରୁନଥିବା ପ୍ରସଙ୍ଗରେ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ । ରାଜ୍ୟ ସରକାରଙ୍କର ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ପାଇଁ ଟୋକନ ପାଇ ମଧ୍ୟ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଚାଷୀ ଧାନ ବିକ୍ରି କରିପାରୁନାହିଁ ।ଏହାବାଦ ମଣ୍ଡି ଗୁଡିକରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି ।କେଉଁଠି ଚଟାଣ ଓ ପାଲ ନାହିଁ ତ କେଉଁଠି ପାନୀୟ ଜଳ ଓ ବିଜୁଳିର ବ୍ୟବସ୍ଥା ହୋଇପାରିନାହିଁ । କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଧାନ ଅଖା, ସୁତୁଲୀ, ଶ୍ରମିକ ଖର୍ଚ୍ଚ,ଯାତାୟାତ ଖର୍ଚ୍ଚ କୁ ମଧ୍ୟ ଚାଷୀଙ୍କ ପାଖରେ ପଂହଚାଯାଉନାହିଁ । ଏଫଏକ୍ୟୁ ଆଳରେ କଟନି ଛଟନିରେ ୫ କିଲୋଗ୍ରାମ ରୁ ୧୦ କିଲୋଗ୍ରାମ ପର୍ଯ୍ୟନ୍ତ ଧାନ କଟାଯାଉଛି ।କେନ୍ଦ୍ର ସରକାର ଘୋଷଣା କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟ ଚାଷୀ ପାଇବାରୁ ବଞ୍ଚିତ ହେଉଛନ୍ତି । ଏହିଭଳି ଅନେକ ସମସ୍ୟା ମଧ୍ୟରେ ଚାଷୀ ଧୈର୍ଯ୍ୟହରା ହୋଇ ଚାଷ କାର୍ଯ୍ୟ ପ୍ରତି ଧିକାର ମନୋଭାବ ଆଣୁଥିଲେ ମଧ୍ୟ ସମସ୍ୟାର ସମାଧାନ ନିମିତ୍ତ ସରକାରୀ ଅଧିକାରୀ ମାନେ ସାମାନ୍ୟତମ ସ୍ପୃହା ପ୍ରକାଶ କରୁନାହାନ୍ତି ବୋଲି ଶ୍ରୀ ଧଳ ଆଲୋଚନା ସମୟରେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏଠାରେ ସୂଚାଇ ଦିଆଯାଇପାରେ କି, ଭଣ୍ଡାରିପୋଖରୀ ବ୍ଲକରେ ୭୭୩୨ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ମାତ୍ର ୫୧୭୫ ଚାଷୀ ଧାନ ବିକ୍ରି କରିଛନ୍ତି । ଅବଶିଷ୍ଟ ୨୫୫୭ ଚାଷୀ ଟୋକନ ଓ ଟାର୍ଗେଟ ଜନିତ ସମସ୍ୟା ପାଇଁ ଧାନ ବିକ୍ରି କରିପାରିନାହାନ୍ତି । ସେହିପରି ବନ୍ତ ବ୍ଲକରେ ୯୫୫୬ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ୬୭୪୯ ଚାଷୀ ଧାନବିକ୍ରି କରି ଅବଶିଷ୍ଟ ୨୮୦୭ ଚାଷୀ ଟୋକନ ଓ ଟାର୍ଗେଟ ଜନିତ ସମସ୍ୟା ପାଇଁ ଧାନବିକ୍ରିରୁ ବାଦ ପଡିଛନ୍ତି । ସେହିପରି ଭଣ୍ଡାରିପୋଖରୀ ବ୍ଲକରେ ୧୪ ଟି ଧାନକ୍ରୟ କେନ୍ଦ୍ରରେ ଆଜିସୁଦ୍ଧା ୨୬୫୫୭୯.୨୫କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ବେଳେ ବନ୍ତ ବ୍ଲକର ୧୭ ଟି ମଣ୍ଡିରେ ୩୨୨୩୭୧.୨୯ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି । ଧାନକ୍ରୟ ଅଧିକାରୀ ମାନେ ଟାର୍ଗେଟ ନଥିବା ଦର୍ଶାଇ ଟୋକନ ପାଇଥିବା ଚାଷୀଙ୍କ ଠାରୁ ଧାନକ୍ରୟ କରୁନାହାନ୍ତି । ଇତିମଧ୍ୟରେ ଟୋକନର ବୈଧତା ସରିଯାଇଥିବାରୁ ଚାଷୀ ଧାନବିକ୍ରି କରିନପାରି ମୁଣ୍ଡରେ ହାତଦେଇ ବସିଛି । ତେଣୁ ରାଜ୍ୟ ସରକାର ଏହିସବୁ ଦାବି ଗୁଡିକ ପ୍ରତି କର୍ଣ୍ଣପାତ କରିବା ସହ ଚାଷୀ ପାଇଥିବା ଟୋକନର ସମୟସୀମା ବୃଦ୍ଧି ଓ ଚାଷୀଙ୍କ ବଳକା ଧାନ ଅନୁସାରେ ଟାର୍ଗେଟ ନିରୂପଣ କରିବାକୁ ଦାବି କରିଛନ୍ତି । ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଶ୍ରୀ ଧଳ ଚେତାବନୀ ଦେଇଛନ୍ତି ।

# ରାଜ୍ୟପାଳଙ୍କ ପୁସ୍ତକର ହିନ୍ଦୀ ସଂସ୍କରଣ 'ଅସୁସ୍ଥ ପୃଥ୍ୱୀ କି ପ୍ରାର୍ଥନା' ଲୋକାର୍ପିତ

ଭୁବନେଶ୍ୱର,୨।୩ (ନି.ପ୍ର): ଓଡ଼ିଶା ଏକ ଭୂଗୋଳ ନୁହେଁ, ଏକ ମହାଭାବ । ଏହି ମାଟିର ଦିବ୍ୟତା ରହିଛି ଏବଂ ଓଡ଼ିଆ ଭାଷା ହେଉଛି ମଂତ୍ରମୟ ଭାଷା । ଓଡ଼ିଶାର ସେବାର ସୁଯୋଗ ପାଇ ମୁଁ ନିଜକୁ ଧନ୍ୟ ମନେକରୁଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ସୋମବାର ରାଜଭବନର ଅଭିଷେକ କକ୍ଷରେ ରାଜ୍ୟପାଳଙ୍କ ଦ୍ୱାରା ଲିଖିତ ପୁସ୍ତକର ହିନ୍ଦୀ ସଂସ୍କରଣ 'ଅସୁସ୍ଥ ପୃଥ୍ୱୀ କି ପ୍ରାର୍ଥନା'ର ଲୋକାର୍ପଣ ଉତ୍ସବରେ ଯୋଗ ଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ଓଡ଼ିଶାରେ ସୃଜନଶୀଳତାର ସ୍ୱାଭାବିକ ପ୍ରବାହ ରହିଛି । ଏ ମାଟିରେ ଯେ ପଂହଚିବ ସେ ଅନନ୍ୟ ସ୍ପଂଦନ ଅନୁଭବ କରିପାରିବ । ସମଗ୍ର ବ୍ରହ୍ମାଣ୍ଡରେ ଏଭଳି ଭୂମିର ବିକଳ୍ପ ନାହିଁ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାରୁ ଓଡ଼ିଶା ନିର୍ମଳ ଆନନ୍ଦର ଏକ ପ୍ରଦେଶ ବୋଲି ରାଜ୍ୟପାଳ କହିଛନ୍ତି । ଉନ୍ମୋଚନ ସମାରୋହରେ ସାଂସଦ ଅଚ୍ୟୁତ ସାମନ୍ତ, ପୂର୍ବତନ ସାଂସଦ ତଥା କବି ଡ଼. ପ୍ରସନ୍ନ କୁମାର ପାଟ୍ଟଶାଣୀ, ରାଜ୍ୟପାଳଙ୍କ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସଂଧ୍ୟାବତୀ ପ୍ରଧାନ, ବିଶ୍ୱମୁକ୍ତିର ସଂପାଦକ କବି ଶଶାଙ୍କ ଚୂଡ଼ାମଣି ପ୍ରମୁଖ ଉପସ୍ଥିତ ରହି ରାଜ୍ୟପାଳଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ରାଜ୍ୟପାଳଙ୍କ ଚିନ୍ତନ ଓ ଦର୍ଶନର ଭୂୟସୀ ପ୍ରଶଂସା କରିଥିଲେ । ଅଧ୍ୟାପିକା ବେଦୁଲା ରାମଲକ୍ଷ୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ପ୍ରକାଶକ ସବିତା ଦାସ, ଅନୁବାଦକ ଅଜିତ ପ୍ରସାଦ ମହାପାତ୍ର, ଶିଳ୍ପୀ ସୁଶୀଲ ପୁହାଣଙ୍କୁ ସଂବର୍ଦ୍ଧିତ କରାଯାଇଥିଲା । ପୁସ୍ତକଟି 'ବିଶ୍ୱମୁକ୍ତି' ପ୍ରକାଶନ ସଂସ୍ଥା ପକ୍ଷରୁ ପ୍ରକାଶିତ ହୋଇଛି ଓ ପୂର୍ବରୁ ପ୍ରକାଶିତ 'ଅସୁସ୍ଥ ପୃଥିବୀର ପ୍ରାର୍ଥନା ଓ ଅନ୍ୟାନ୍ୟ ରଚନା'ର ଏହି ହିନ୍ଦୀ ଅନୁବାଦ କରିଛନ୍ତି ଅଧ୍ୟାପକ ଅଜିତ ପ୍ରସାଦ ମହାପାତ୍ର । ଉନ୍ମୋଚନ ଉତ୍ସବରେ ବହୁ ବିଶିଷ୍ଟ କବି ଓ ଲେଖକ ଯୋଗ ଦେଇଥିଲେ ।

## ଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗଙ୍କ ପାଇଁ ଲିଫ୍ଟ ଓ ସ୍ୱତନ୍ତ୍ର ର୍‍ୟାମ୍ପ୍ କରିବାକୁ ଏବିଭିପିର ଦାବି

ଭୁବନେଶ୍ୱର,୨।୩ (ନି.ପ୍ର): କ୍ୟାମ୍ପସ୍ ରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ଯିବାରେ ସାହାଯ୍ୟ ପାଇଁ ଲିଫ୍ଟ, ହ୍ୱିଲ୍ ଚେୟାର ର୍‍ୟାମ୍ପ୍ ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଦାବି କରିଛି । ଏସମ୍ପର୍କରେ ସୋମବାର ଦିନ ଏବିଭିପିର ସଦସ୍ୟମାନେ ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି ଜଣାଇଛନ୍ତି । ଏହି ଅବସରରେ ଏବିଭିପି ଭୁବନେଶ୍ୱର ମହାନଗର ସହ ସମ୍ପାଦକ ଅଭିଷେକ ପାଣି, ଖଣ୍ଡଗିରି ନଗର ସମ୍ପାଦକ ଅମ୍ରିତ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଶକ୍ତି ସମ୍ପର୍କିତ ଗୃହ କମିଟି ବୈଠକ

ଭୁବନେଶ୍ୱର,୨।୩ (ନି.ପ୍ର): ବିଧାନସଭା ଗୃହ କମିଟିର ଏକ ବୈଠକ ଆଜି ବିଧାନସଭା ପରିସରସ୍ଥ ପ୍ରକୋଷ୍ଠ ୫୪ରେ ଅନୁଷ୍ଠିତ ହୋଇଯାଇଛି । ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଶକ୍ତି ଉତ୍ପାଦନ, ବିତରଣ ଏବଂ ଉପଭୋକ୍ତାମାନଙ୍କୁ ଶକ୍ତି ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଏବଂ ଟିପିସିଓଡିଏଲ୍ କାର୍ଯ୍ୟକାରିତା ଉପରେ ବିଶଦ ଆଲୋଚନା ହୋଇଥିଲା । ଉପଭୋକ୍ତାମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ଉପବାଚସ୍ପତି ସିଂ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରଶାନ୍ତ ମୁଦୁଲିଙ୍କ ସମେତ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ବିଭାଗୀୟ କର୍ମକର୍ତ୍ତା ଏବଂ ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ ।

# ଚାଷୀଙ୍କ ହକ୍ ଲାଗି କିଷନ କଂଗ୍ରେସର ହୁଙ୍କାର : ଧାନବସ୍ତା ରଖି ଅବରୋଧ କଲେ ବ୍ଲକ କାର୍ଯ୍ୟାଳୟ

ଜଳେଶ୍ୱର ,୨।୩ (ନି.ପ୍ର): ପୂର୍ବ ସୂଚନା ଅନୁଯାୟୀ ଆଜି ପୂର୍ବାହ୍ନରେ କିଷାନ କଂଗ୍ରେସର ଜଳେଶ୍ୱର ଶାଖା ପକ୍ଷରୁ ଚାଷୀଙ୍କ ହକ୍‌ଲାଗି ହୁଙ୍କାର କାର୍ଯ୍ୟକ୍ରମ ହେବା ସହିତ ଚାଷୀମାନ ଟ୍ରାକ୍ଟରରେ ଧାନ ଆଣି ଜଳେଶ୍ୱର ବସ୍‌ଷ୍ଟାଣ୍ଡ ଠାରୁ ବ୍ଲକ ଯାଏ ଶୋଭାଯାତ୍ରାରେ ଯାଇଥିଲେ । ସେଠାରେ ବିଭିନ୍ନ ଦାବି ଦେଇ ଏକ ଶୋଭାର ଆୟୋଜନ କରିଥିଲେ । ଜଳେଶ୍ୱର ବ୍ଲକ ଅଧିନରେ ଥିବା ୧୯ଟି ସେବା ସମବାୟ ସମିତି (ପ୍ୟାକ୍ସ) ଅଧିନରେ ଚାଷୀମାନେ ଖରିଫ ଧାନ ବିକ୍ରି ପାଇଁ ପଂଜିକରଣ କରିବାପରେ ସେମାନଙ୍କ ମୋବାଇଲରେ ଟୋକନ୍ ନଂ ଓ ତାରିଖ ଆସିଥିଲା । କିନ୍ତୁ ଚଳିତ ମାସ ୩୧ ତାରିଖ ଧାନ କ୍ରୟର ଶେଷ ସମୟସୀମା ଧାର୍ଯ୍ୟ କରାଯାଇଥିବା ବେଳେ ବହୁ ସ୍ଥାନରୁ ଧାନ କ୍ରୟ କରାଯାଇନାହିଁ । କେତେକ ଚାଷୀଙ୍କର ଟୋକନ୍ ତାରିଖ ଚାଲି ଯାଇଥିବାର ବେଳେ କେତେକ ଚାଷୀଙ୍କ ନାମ ପଂଜିକରଣ ହୋଇ ପାରିନାହିଁ । ବ୍ଲକ କିଷାନ କଂଗ୍ରେସର ସଭାପତି ସୁଦାମ ପାତ୍ର ଅଧ୍ୟକ୍ଷତା ଅନୁଷ୍ଠିତ ବୈଠକରେ ରାଜ୍ୟ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସ, ରାଜ୍ୟ କିଷାନ କଂଗ୍ରେସର ସଂପାଦକ ଜଗଦାନନ୍ଦ ସିଂ, ଜିଲା କିଷାନ କଂଗ୍ରେସର ସଭାପତି ନିରଂଜନ ବେହେରା, ଗିରିଜା ଶଂକର ଦାସ, ବିଦ୍ୟୁଭୂଷଣ ଦାସ, ଜଗଦୀଶ ନନ୍ଦୀ, ତ୍ରିଲୋଚନା ଦାସଅଧିକାରୀ, ପଦ୍ମଲୋଚନ ବେହେରା, ସୁନୀଲ ପରିଡାନୟନ ପାଠୀ, ସୁକୁମାର ଘୋଷ, ସୁଜିତ୍ ଦେ, ଗୋପାଳକୃଷ୍ଣ ଜେନା, ଗୋଡିକୃଷ୍ଣ ଦଳାଇ, ଚିତ୍ତରଂଜନ ପରିଡା, ରାଜିବ ପରିଡା, ଅକ୍ଷୟ ଜେନା, ବଳରାମ ଓଝା, ଶଂକର ଘୋଷ, ହେମନ୍ତ ଗିରି, ସଂଜିତ ରାୟ, କାଦମ୍ବିନୀ ରାୟ, ରାଧାରାଣୀ ପାତ୍ର, ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏଥିରେ ସମସ୍ତ ଟୋକନ୍‌ଧାରୀଙ୍କ ଠାରୁ ଧାନ କ୍ରୟ କରିବା, ସବୁଚାଷୀଙ୍କୁ ପଂଜିକରଣ କରିବା, ପଂଜିକରଣ




ହୋଇଥିବା ସବୁଚାଷୀଙ୍କ ଠାରୁ ଧାନ କିଣିବା, କାଳିଆ ଯୋଜନାରେ ପ୍ରିୟାପ୍ରତି ଛାଡି ସବୁଚାଷୀଙ୍କୁ ଅନୁଦାନ ମିଳିବା, ଫାଇଲିନ୍ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବା ଇତ୍ୟାଦି ସଂପର୍କରେ ବକ୍ତବ୍ୟ ଦେବା ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ । ଅପରାହ୍ନରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନାଲାଗି ବାଲେଶ୍ୱରରୁ ଏସିଏସ୍‌ଓ ଚନ୍ଦ୍ର ସେଖର ପାତ୍ର, ଜଳେଶ୍ୱର ବିଡିଓ ଦୀପ୍ତିରଂଜନ ସେଠୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । ଆନ୍ଦୋଳନକାରୀମାନେ ସେମାନଙ୍କୁ ଦୀର୍ଘ ସମୟଧରି ଅଟକ ରଖିବାପରେ ସେଠାକୁ ଆସିଥିବା ସମସ୍ତ ଧାନ ସରକାର କିଣିବେ ବୋଲି ସ୍ଥିର ହୋଇଛି । ଟୋକନ୍ ପାଇଥିବା ଚାଷୀମାନଙ୍କଠାରୁ ୮ ଦିନ ମଧ୍ୟରେ ଧାନ କିଣାଯିବା, ଚାଷୀମାନେ ଅଖା ନ ଦେବା ସିଦ୍ଧାନ୍ତ ହେବା, ସୋସିଆଲ ଅଡିଟ୍ ହେବା, କାଳିଆ ଓ ଫାଇଲିନ୍ ଟଙ୍କା ପାଇନଥିବା ଚାଷୀଙ୍କ ସଂର୍କରେ ତଦନ୍ତ ହେବା ତଥା ବାଲେଶ୍ୱର ଜିଲାକୁ ୭୫ହଜାର କ୍ୟୁଣ୍ଟାଲ ଧାନ ଲାଗି ଏଲଟମେଣ୍ଟ ଆସିଥିବା ସଂପର୍କରେ ଆଲୋଚନାରେ ନିଷ୍କର୍ସ ବାହାରିଥିଲା । ୮ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ପୁଣି ଆନ୍ଦୋଳନ ହେବ ବୋଲି ବକ୍ତାମାନେ କହିଛନ୍ତି ।

# ନିଖିଳ ଓଡ଼ିଶା ପୂର୍ବତନ ସରପଂଚ ମହାସଂଘର ୧୭ତମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର,୨।୩ (ନି.ପ୍ର): ନିଖିଳ ଓଡ଼ିଶା ପୂର୍ବତନ ସରପଂଚ ମହାସଂଘ ପକ୍ଷରୁ ୧୭ତମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ମହାସମାରୋହରେ ରାଜ୍ୟ ସଭାପତି ଶ୍ରୀଯୁକ୍ତ ଦିଗମ୍ବର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀକୁ ମୁଖ୍ୟଅତିଥି ଭାବେ ମାନ୍ୟବର ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଓଡ଼ିଶାର ୩୦ଗୋଟି ଜିଲ୍ଲାର ସମସ୍ତ ବ୍ଲକରୁ ପୂର୍ବତନ ସରପଂଚ ଏବଂ ସରପଂଚ ଏବଂ ସମିତି ସଭ୍ୟମାନେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ସରପ ସଂଘର ରାଜ୍ୟ ସଭାନେତ୍ରୀ ପୁଷ୍ପା ନାଏକ ଯୋଗଦେଇ ସରପଂଚ ମାନଙ୍କର ଦହନୀୟ ଅବସ୍ଥା ବାବଦରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ମୁଖ୍ୟବକ୍ତା ଭାବରେ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ବର୍ମା, ବରିଷ୍ଠ ଆଇନଜ୍ଞ, ଉଚ୍ଚତମ ନ୍ୟାୟାଳୟ ନୂଆଦିଲ୍ଲୀ ତଥା ଆଇନ ପରାମର୍ଶଦାତା ପୂର୍ବତନ ସରପଂଚ ମହାସଂଘ, ଓଡ଼ିଶା ଯୋଗଦେଇ ପୂର୍ବତନ ସରପ ମାନଙ୍କର ସମାଜସେବାରେ ମୁଖ୍ୟ ଭୂମିକା ଥିବା ବେଳେ ସରକାର ତାଙ୍କୁ ଅବହେଳା ପ୍ରଦର୍ଶନ କରୁଥିବାରୁ କ୍ଷୋଭ ପ୍ରକାଶ କରି କହିଲେ ଯେ, କୋଭିଡ-୧୯ ଠାରୁ ଆରମ୍ଭ କରି ଜନ୍ମ ଓ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟରେ ସରପଂଚ ମାନେ ଦାୟିତ୍ୱର ସହ କାର୍ଯ୍ୟ କରୁଛନ୍ତି । ଯଥାଶୀଘ୍ର ସରକାର ତାଙ୍କ ଦାବୀଗୁଡ଼ିକ ବିଗ୍ଚର କରିବା ଜରୁରୀ ଆବଶ୍ୟକ । ମହାସଂଘର ମୁଖ୍ୟ ଉପଦେଷ୍ଟା ହେମନ୍ତ ରଥ ଯୋଗଦେଇ କହିଲେ ଯେ, ରାଜ୍ୟରେ ଥିବା ୪୦ ହଜାର ପୂର୍ବତନ ସରପଂଚ ସମସ୍ତେ ଏକାଠି ହୋଇ ନିଜର ହକ୍ ପାଇଁ ଲଢେଇ କଲେ ଅନେକ କାର୍ଯ୍ୟ ହାସଲ ହୋଇପାରିବ ବୋଲି ବକ୍ତବ୍ୟ ରଖିଥିଲେ । ପରେ ୧୦ଜଣ ପଂଚାୟତ ପ୍ରତିନିଧିମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ପ୍ରଥମେ ପୂର୍ବତନ ସରପଂଚ ୧୯୯୨ରୁ ୧୯୯୫ ପର୍ଯ୍ୟନ୍ତ ମୁଜିବୁଲ୍ଲା ଖାନ ମୁନା ଭାଇ ତାରାଗାଁ ଗ୍ରାମପଂଚାୟତ, ଜିଲ୍ଲା- ନବରଙ୍ଗପୁର ବର୍ତ୍ତମାନ ସେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଓ ରାଜ୍ୟସଭା ସଦସ୍ୟ ଭାବେ ମନୋନୀତ ହାଇଥିବାରୁ ତାଙ୍କୁ ମହାସଂଘ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଆଦରମଣି ସାମଲ, ସରପ ମଧୁସୁଦନପୁର ଗ୍ରାମପଂଚାୟତ, ଜିଲ୍ଲା-ଯାଜପୁର, ବଂଶୀଧର ମୁଦୁଲି, ସରପଂଚ କୋରକୋଣ୍ଡା ଗ୍ରାମ ପଂଚାୟତ, ଜିଲ୍ଲା- ମାଲକାନଗିରି, ନର୍ମଦା ଦଳେଇ ସରପ ଚନ୍ଦ୍ରଗିରୀ ଗ୍ରାମ ପଂଚାୟତ, ଜିଲ୍ଲା-ଗଜପତି ଏବଂ ସମିତି ସଭ୍ୟ ସୁଦର୍ଶନ କହଁର, ବ୍ଲକ-ଫିରିଙ୍ଗିଆ ଜିଲ୍ଲା-କନ୍ଧମାଳ ଏବଂ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଅନୁଗୁଳ ଜିଲ୍ଲାଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା ।

# ଆଇସିଡିଏସ୍‌ରେ କେନ୍ଦ୍ର ବଜେଟ୍ ହ୍ରାସ ବିରୋଧରେ ଅଙ୍ଗନୱାଡ଼ି କର୍ମୀଙ୍କ ଧାରଣା

ଭୁବନେଶ୍ୱର,୨।୩ (ନି.ପ୍ର): ଦେଶର ସର୍ବ ପ୍ରଥମ ସର୍ବବୃହତ୍ ଯୋଜନା ଆଇ.ସି.ଡି.ଏସ୍.କୁ ଚଳିତ ବଜେଟ୍‌ରେ କେନ୍ଦ୍ର ସରକାର ଆଠ ହଜାର କୋଟି ଟଙ୍କା ବଜେଟ୍ ହ୍ରାସ ବିରୋଧରେ ରାଜ୍ୟରେ ଅଙ୍ଗନୱାଡ଼ି କର୍ମୀ, ସହାୟିକାଙ୍କ ମଧ୍ୟରେ କାର୍ଯ୍ୟ କରୁଥିବା ପ୍ରମୁଖ ୟୁନିୟନ୍‌ମାନଙ୍କୁ ନେଇ ଗଠିତ ଅଙ୍ଗନୱାଡ଼ି କର୍ମଚାରୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ତରଫରୁ ବିଶାଳ ଗଣଧାରଣା ଲୋୟର ପିଏମଜି ଠାରେ ଅନୁଷ୍ଠିତ ହୋଇଯାଇଛି । ପରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ଜରିଆରେ କେନ୍ଦ୍ର ସରକାରଙ୍କୁ ଏବଂ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଅଶୋକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ ବକ୍ତବ୍ୟ ଦେଇ କେନ୍ଦ୍ର ସରକାର ଜାତୀୟ ଶିକ୍ଷାନୀତି-୨୦୧୯ରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ ନିଷ୍ପତିକୁ ସଫଳ କରିବା ନିମନ୍ତେ ଚଳିତ ବଜେଟ୍‌ରେ ବଜେଟ୍ ହ୍ରାସ କରି ଯୋଜନାକୁ ପଙ୍ଗୁ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ଏହା ବିରୋଧରେ ବ୍ୟାପକ ସଂଗ୍ରାମ କରାଯିବ । ସେହିପରି ଅଙ୍ଗନୱାଡ଼ି କର୍ମୀ ସହାୟିକାଙ୍କ ଦୀର୍ଘ ଦିନର ନ୍ୟାୟସଙ୍ଗତ ଦାବି ଯଥା ୱାର୍କର ମାନ୍ୟତା ସର୍ବନିମ୍ନ ଭତା ୨୧ ହଜାର ଟଙ୍କା, ପେନସନ୍ ୩ ହଜାର ଟଙ୍କା, ଅଙ୍ଗନୱାଡ଼ି କେନ୍ଦ୍ରକୁ ଗ୍ୟାସ୍‌ର ସ୍ଥାୟୀ ସଂଯୋଗ ଓ ୨ଟି ଚୂଲା ସହ ୧୪.୫ ଲିଟର ଗ୍ୟାସ୍ ପ୍ରଦାନ , ବିଦ୍ୟୁତ୍ ସଂଯୋଗ ଓ ବିଦ୍ୟୁତ୍ ଦେୟ ପ୍ରଦାନ, କରୋନା କାର୍ଯ୍ୟରେ ନିୟୋଜିତ ହୋଇ ମୃତ୍ୟୁବରଣ କରିଥିବା କର୍ମୀ ଓ ସହାୟିକାଙ୍କୁ କରୋନା ସହାୟତା ରାଶି ପ୍ରଦାନ ଓ ତାଙ୍କ ପରିବାରରୁ ଜଣଙ୍କୁ ନିଯୁକ୍ତି, ବୀମା ଯୋଜନାରେ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ, ବଜାର ଦର ଅନୁସାରେ ଏସ୍.ଏନ୍.ପି.ର ଦରଧାର୍ଯ୍ୟ ଆଦି ଦାବି ଉପରେ ବ୍ୟାପକ ସଂଗ୍ରାମ ନିମନ୍ତେ ନିଷ୍ପତି ନିଆଯାଇଛି । ଏହି ଧାରଣାରେ ଏ.ଆଇ.ଟି.ୟୁ.ସି. ନେତା ସୁର ଜେନା, ଏନ୍.ଏଫ୍.ଆଇ.ଟି.ୟୁ. ନେତା ଯୁଧିଷ୍ଠିର ମହାରଣା,ବିଜୟ ଜେନା, ପ୍ରଭାସିନୀ ପାଢ଼ୀ, ବିଷ୍ଣୁପ୍ରିୟା ଜେନା, ମମତାଜ୍ ଖୁଂଟିଆ ପ୍ରମୁଖ ବକ୍ତବ୍ୟ ଦେଇଥିଲେ ।

## ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଦାବି

ଭୁବନେଶ୍ୱର,୨।୩ (ନି.ପ୍ର): ଓଡ଼ିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଦାବି କରିଛନ୍ତି । ଉତ୍କଳ ସମ୍ମିଳନୀ ପକ୍ଷରୁ ବହୁବାର ଏହି ଦାବି କରାଯାଇଛି । ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ, ଜନନାୟକ ଓ ରାଷ୍ଟ୍ର ନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ହେଉଛନ୍ତି ଜଣେ ବିଶ୍ୱ ସ୍ତରର ନେତା । ତାଙ୍କର ଖ୍ୟାତି ପାଇଁ ସେ ଇଣ୍ଡୋନେସିଆ ଓ ରୁଷିଆ ପକ୍ଷରୁ ଜୀବିତ ଅବସ୍ଥାରେ ସମ୍ମାନୀତ ହୋଇଛନ୍ତି । ଏପରିକି ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ର ବିଜୁବାବୁଙ୍କୁ ପ୍ରଦାନ କରାଯାଇଛି । ଭାରତରତ୍ନ ବିଜୁବାବୁଙ୍କ ପାଇଁ ଏକ ବଡ଼ କଥା ନୁହେଁ ବରଂ ବିଜୁବାବୁଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନୀତ କଲେ ଆମ ଦେଶର ତଥା ସମମାନର ଗୌରବ ବଢ଼ିବ ।

## ଡା. ଭଗବାନ ତ୍ରିପାଠୀଙ୍କୁ ମିଳିବ ଉତ୍ତର ପ୍ରଦେଶ ହିନ୍ଦୀ ସଂସ୍ଥାନ ସମ୍ମାନ

ଭୁବନେଶ୍ୱର,୨।୩ (ନି.ପ୍ର): ଡା. ଭଗବାନ ତ୍ରିପାଠୀଙ୍କୁ ଉତର ପ୍ରଦେଶର ହିନ୍ଦୀ ସଂସ୍ଥାନ ଦ୍ୱାରା ସମ୍ମାନିତ କରାଯିବ । ତାଙ୍କୁ ୨୦୧୯ ପାଇଁ ସୌହାର୍ଦ୍ଦ୍ୟ ସମ୍ମାନ ଦେବାକୁ ଚୟନ କରାଯାଇଛି । ଏଥିରେ ତାଙ୍କୁ ଦୁଇଲକ୍ଷ ନଗଦ ରାଶି ପ୍ରଦାନ କରାଯିବ । ଏହାବ୍ୟତୀତ ଓଡ଼ିଶାରେ ଜନ୍ମଗ୍ରହଣ କରି ଭୋପାଳରେ ରହିଥିବା ଡା. ଇିନୟ ରାଜାରାମ ଷଡ଼ଙ୍ଗୀଙ୍କୁ ସାହିତ୍ୟ ଭୂଷଣ ସମ୍ମାନରେ ସମ୍ମାନୀତ କରାଯିବ । ଦୁହେଁ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଆଜୀବନ ସଦସ୍ୟ ଅଛନ୍ତି । ଡା. ତ୍ରିପାଠୀ ହିନ୍ଦୀର ଅଧ୍ୟାପକ ଅଛନ୍ତି । ଆସିକାର ବିଜ୍ଞାନ ମହାବିଦ୍ୟାଳୟର ପ୍ରିନ୍ସିପାଲ୍ ଅଛନ୍ତି । ସେ ଅନେକଗୁଡ଼ିଏ ଓଡ଼ିଆ ବହିର ଅନୁବାଦ ହିନ୍ଦୀରେ କରିଛନ୍ତି । ଏଗୁଡ଼ିକ ମଧ୍ୟରେ ଚନ୍ଦ୍ରଶେଖର ଦାସବର୍ମାଙ୍କ ଚୁନ୍ନି ହୁଇ କାହାନିୟାଁ, ଦିଲ୍ଲୀପ ଦାସଙ୍କ କାବ୍ୟ ସଂକଳନ ରାତ ସେ ସୁବହ ତକ, ମନୋଜ ଦାସଙ୍କ ଶ୍ରେଷ୍ଠ କାହାନିୟାଁ ଏବଂ ଅନ୍ୟାନ୍ୟ ବହିସବୁ ସାମିଲ । ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ ଡା. ସନ୍ତୋଷ ମହାପାତ୍ର ଓ ସଂଗଠନ ସମ୍ପାଦକ ନାରାୟଣ ନାୟକ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

## ଆଦର୍ଶ ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ ଓ ନିର୍ମାଣାଧୀନ ଆଦର୍ଶ ସ୍କୁଲ କାର୍ଯ୍ୟ ସମାପ୍ତି ଉପରେ ଗୁରୁତ୍ୱାରୋପ

ଭଦ୍ରକ,୨।୩ (ନି.ପ୍ର): ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ସମୀର ରଂଜନ ଦାଶ ଆଜି ଭଦ୍ରକ ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ଉପରେ ସମୀକ୍ଷା କରିଛନ୍ତି । ପ୍ରଥମେ ମାନ୍ୟବର ମନ୍ତ୍ରୀ ଭଣ୍ଡାରିପୋଖରୀ ବ୍ଲକର ଉତ୍ତରବାଡଠାରେ ଓଡ଼ିଶା ଆଦର୍ଶ ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ବୈଠକରେ ଭଦ୍ରକର ମାନନୀୟା ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀର ମାନ୍ୟବର ବିଧାୟକ ପ୍ରଫୁଲ୍ଲ ସାମଲ, ଚାନ୍ଦବାଲିର ମାନ୍ୟବର ବିଧାୟକ ଡ. ବ୍ୟୋମକେଶ ରାୟ, ଧାମନଗରର ମାନ୍ୟବର ବିଧାୟକ ବିଷ୍ଣୁ ଚରଣ ସେଠୀ, ଭଦ୍ରକର ମାନ୍ୟବର ବିଧାୟକ ସଂଜିବ କୁମାର ମଲ୍ଲିକ, ବାସୁଦେବପୁରର ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର ଓ ଇନ୍ଦ୍ରମଣି ନାୟକ, ପିଡି ଡିଆର୍‌ଡିଏ ମଧୁସୂଦନ ଦାସ, ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ ବ୍ଲକର ଶିକ୍ଷାଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ମାନ୍ୟବର ମନ୍ତ୍ରୀ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ସମୀକ୍ଷା କରିବା ଅବସରରେ ଜିଲ୍ଲାରେ ଥିବା ମଦ୍ରାସା ଗୁଡ଼ିକର ସୁବିଧା ଅସୁବିଧା ସମ୍ପର୍କରେ ରାଜ୍ୟ ଉର୍ଦ୍ଦୁ ବୋର୍ଡ ସହିତ ଆଲୋଚନା କରି ସମାଧାନ କରିବାକୁ ପରମର୍ଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଶତପ୍ରତିଶତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ସାମିଲ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହା ଛଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୁଡ଼ିକର ନିର୍ମାଣାଧୀନ କାର୍ଯ୍ୟକୁ ଯଥା ଶୀଘ୍ର ଶେଷ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ ରଖି ଶିକ୍ଷାଦାନର ସମୟରେ ପରିବର୍ତ୍ତନ କରାଯିବା ସହିତ ଆଗାମୀ ମାଟ୍ରିକ ପରୀକ୍ଷାର ସୁପରିଚାଳନା ନିମନ୍ତେ ଜିଲ୍ଲା ପ୍ରଶାସନ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷାରେ ମନ୍ତ୍ରୀଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଦିଆ ଯାଇଥିବା ପରିସଂଖ୍ୟାନ ଅନୁଯାୟୀ ବନ୍ତ, ଭଦ୍ରକ ଓ ଧାମନଗର ବ୍ଲକର ଆଦର୍ଶ ବିଦ୍ୟାଳୟ ପୂର୍ଣ୍ଣାଙ୍ଗୀକରଣ ହୋଇଥିବା ବେଳେ ବାସୁଦେବପୁରରେ କାର୍ଯ୍ୟ ଜାରି ରହିଛି । ଚାନ୍ଦବାଲି ଓ ତିହିଡ଼ିରେ ସ୍ଥାନ ନିରୂପଣ କରାଯାଇ ମାଟି ପରୀକ୍ଷଣ ଶେଷ ହୋଇଛି । ଭଣ୍ଡାରିପୋଖରୀରେ ଆଜି ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିବା ସୂଚନା ଦିଆ ଯାଇଥିଲା । ୩ଟି ସମ୍ପୂର୍ଣ୍ଣ ହୋଇଥିବା ଆଦର୍ଶ ବିଦ୍ୟାଳୟ ନିମନ୍ତେ ଆବଶ୍ୟକ ୩୬ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ୧୭ଜଣ ରହିଥିବା ବେଳେ ୧୯ଟି ପଦ ଖାଲି ରହିଛି । ଟାଲେଣ୍ଟ ଆୱାର୍ଡ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷାବୃତ୍ତି ୮୪ ଜଣ, ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ୮୩୯ଜଣ, ବେଷ୍ଟ ସ୍କୁଲ ଭାବେ ୨୫ଟି ବିଦ୍ୟାଳୟକୁ ମୋଟ ୭୧ଲକ୍ଷ ୧୫ହଜାର ଟଙ୍କା ଯୋଗାଣ ହୋଇଛି । ୨୦୧୯-୨୦ ଶିକ୍ଷାବର୍ଷର ପଠାଣି ସାମନ୍ତ ଗଣିତ ବୃତ୍ତି ଷଷ୍ଠ ଶ୍ରେଣୀ ପାଇଁ ୧୦୦ଜଣ ଓ ନବମ ଶ୍ରେଣୀ ପାଇଁ ୫୪ଜଣଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲାର ୨୦୨୦-୨୧ ଶିକ୍ଷା ବର୍ଷରେ ନବମ ଶ୍ରେଣୀ ପାଇଁ ୬୭୫୦ ଓ ଦଶମ ଶ୍ରେଣୀ ପାଇଁ ୭୦୬୧ ସେଟ ବହି ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆ ଯାଇଛି । ଦଶମ ଶ୍ରେଣୀର ପିଲାଙ୍କ ପାଇଁ ପରୀକ୍ଷା ଦର୍ପଣ ମୋଟ ୨୩ହଜାର ୬୦୭ଜଣଙ୍କୁ ଯୋଗାଣ ହୋଇଛି । ମୋ ସ୍କୁଲ ଅଭିଯାନରେ ଜିଲ୍ଲାର ମୋଟ ୯ଟି ବିଦ୍ୟାଳୟକୁ ବିଭିନ୍ନ ଅଧିକାରୀମାନେ ପୋଷ୍ୟ ବିଦ୍ୟାଳୟ ରୂପେ ଗ୍ରହଣ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ବ୍ରହ୍ମପୁର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଓକରା ହାଇସ୍କୁଲ, ଜିଲ୍ଲା ସ୍କୁଲ, ସାଇ ହାଇସ୍କୁଲ, ବହୁଦରଡ଼ା ନୋଡ଼ାଲ ହାଇସ୍କୁଲ, ନୃସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଞ୍ଚାୟତ ନୋଡ଼ାଲ ହାଇସ୍କୁଲ ବେତଡା, ଆଖଣ୍ଡଳମଣି ନୋଡ଼ାଲ ହାଇସ୍କୁଲ ରହିଛି । ଏହି ଅଭିଯାନରେ ୨୦୨୧-୨୨ ପାଇଁ ମୋଟ ୩ କୋଟି ଟଙ୍କାର ସଂଗ୍ରହ ଟାର୍ଗେଟ ରହିଥିବା ବେଳେ ୪କୋଟି ୭୩ ଲକ୍ଷ ୬୨ହଜାର ୬୬୯ଟଙ୍କା ସଂଗୃହିତ ହୋଇଥିବା ସଂକ୍ରାନ୍ତରେ ମାନ୍ୟବର ମନ୍ତ୍ରୀଙ୍କୁ ସୂଚନା ଦିଆ ଯାଇଥିଲା । ଶେଷରେ ପିଡ଼ି ଶ୍ରୀଯୁକ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଉଭୟଙ୍କ ସମର୍ଥନ...

ଶନିବାର ଦିନ ଓଡ଼ିଶା ବିଧାନସଭାରେ ଶ୍ରୀମନ୍ଦିର ପରିକ୍ରମା ଯୋଜନା ପ୍ରସ୍ତାବ ସର୍ବସମ୍ମତ କ୍ରମେ ଗୃହୀତ ହେବା ଶ୍ରୀକ୍ଷେତ୍ର ପୁରୀ ଓ ଶ୍ରୀମନ୍ଦିରର ସୁରକ୍ଷା ତଥା ସୌନ୍ଦର୍ଯ୍ୟକରଣ ଦିଗରେ ଆଉ ଏକ ବଳିଷ୍ଠ ପଦକ୍ଷେପ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଗତ ଏହି ପ୍ରସ୍ତାବକୁ ବିଜେପି, କଂଗ୍ରେସ ସମେତ ସମସ୍ତ ରାଜନୈତିକ ଦଳ ସମର୍ଥନ ଜଣାଇବା ଜଗନ୍ନାଥଙ୍କ ପ୍ରତି ସମସ୍ତଙ୍କର ସମ ପରିମାଣର ଶ୍ରଦ୍ଧା ଓ ଭକ୍ତି ରହିଥିବା ସୂଚନା ଦିଏ । ଏହି ପ୍ରସ୍ତାବ ଆଗତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ଜଗନ୍ନାଥଙ୍କ ପ୍ରଥମ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଅନ୍ୟାନ୍ୟ ସେବକ ତଥା ହିତଧାରକ ଓ ସର୍ବୋପରି ପୁରୀ ସହରବାସୀଙ୍କୁ ଧନ୍ୟବାଦ ଜ୍ଞାପନପୂର୍ବକ ଏପରି ବିକାଶ ଯୋଜନାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଇବା ନିମନ୍ତେ ରାଜ୍ୟବାସୀଙ୍କ ସହଯୋଗ କାମନା କରିଛନ୍ତି । ଶ୍ରୀଜଗନ୍ନାଥଙ୍କୁ ଓଡ଼ିଆ ଅସ୍ମିତାର ପରିଚୟ ବୋଲି ଯଥାର୍ଥରେ ମୁଖ୍ୟମନ୍ତ୍ରୀ ମତପୋଷଣ କରିଛନ୍ତି । ଶ୍ରୀମନ୍ଦିର ପରିକ୍ରମା ଯୋଜନା ରାଜ୍ୟ ସରକାରଙ୍କ ଏକ ମହାତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ, ଯାହା ସାକାର ହେଲେ କେବଳ ପୁରୀ ସହର ଅଥବା ଶ୍ରୀମନ୍ଦିର ଅଧିକ ସରସ ସୁନ୍ଦର ହେବନାହିଁ, ଅପରପକ୍ଷେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆଙ୍କ ପରିଚୟ ସମଗ୍ର ବିଶ୍ୱରେ ପ୍ରଚାରିତ ଓ ପ୍ରସାରିତ ହେବ । ଜଷ୍ଟିସ ବି.ପି. ଦାସ କମିଶନଙ୍କ ସୁପାରିସ କ୍ରମେ ରାଜ୍ୟ ସରକାର ଏହାକୁ ପ୍ରବର୍ତ୍ତନ ନିମନ୍ତେ ସ୍ଥିର କରିଛନ୍ତି । ସେଥିପାଇଁ ଗଜପତି ମହାରାଜାଙ୍କ ସମେତ ବିଭିନ୍ନ ସେବାପୟତ ପ୍ରତିନିଧିଙ୍କ ସହ ମନ୍ଦିର ପ୍ରଶାସନର ଏକାଧିକ ବାର ଆଲୋଚନା ହୋଇଥିଲା । ଏହି ମର୍ମରେ ସରକାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସମୟକ୍ରମେ ଗଢ଼ିଉଠିଥିବା ମଠ, ବିପଣନ କେନ୍ଦ୍ର ଓ ବାସଗୃହକୁ ଆହରଣ କରି ୭୫ ମିଟର ଭିତରେ ଥିବା କୋଠାବାଡ଼, ଦୋକାନବଜାର ଓ ମଠ ଆଦି ଭଙ୍ଗା ବାବଦକୁ ସରକାର ୨୮୯ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିସାରିଛନ୍ତି । ଜଷ୍ଟିସ ବି.ପି. ଦାସ କମିଶନଙ୍କ ରିପୋର୍ଟରେ ମୁଖ୍ୟତଃ ତିନିଗୋଟି ସୁପାରିସ ଥିଲା ଯାହା ଆଧାରରେ ଏହି ସୌନ୍ଦର୍ଯ୍ୟକରଣ ଓ ପରିକ୍ରମା ଯୋଜନା ପ୍ରବର୍ତ୍ତନ କରାଯାଉଛି । ତାହା ହେଲା-ମନ୍ଦିରର ସୁରକ୍ଷା, ଶ୍ରଦ୍ଧାଳୁମାନଙ୍କ ନିରାପତ୍ତା ଏବଂ ସର୍ବୋପରି ମନ୍ଦିର ପରିସର ଓ ଚତୁଃପାର୍ଶ୍ୱରେ ଏକ ସାତ୍ତ୍ୱିକ ବାତାବରଣ ସୃଷ୍ଟି । ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ପୁରୀ ସମଗ୍ର ଦେଶର ଅନ୍ୟତମ ପ୍ରାଚୀନ ଧର୍ମପୀଠ ଏବଂ ଏଠାକୁ ପ୍ରତିଦିନ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନ ଘଟିଥାଏ । ତେଣୁ ସେମାନଙ୍କ ନିରାପତ୍ତା ଓ ଏକ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ସେମାନଙ୍କୁ ସହଜରେ ଶ୍ରୀଜିଉମାନଙ୍କ ଦର୍ଶନ ସଂପନ୍ନ କରାଇବା ଏକାନ୍ତ ଜରୁରି । ସରକାରଙ୍କ ଶ୍ରୀମନ୍ଦିର ପରିକ୍ରମା ଯୋଜନା ଏହି ମୌଳିକ ଉଦ୍ଦେଶ୍ୟକୁ ସାକାର କରିବ । ଏଥିପାଇଁ ୩ ହଜାର ୨୦୦ କୋଟି ଟଙ୍କା ବ୍ୟୟର ଅଟକଳ ମଧ୍ୟ କରାଯାଇଛି । ଜନସଂଖ୍ୟା ବୃଦ୍ଧି ସହ ଲୋକମାନଙ୍କ ଶ୍ରୀମନ୍ଦିର ଆଗମନ ମଧ୍ୟ ବଢ଼ିଛି । ଏହାକୁ ଦୃଷ୍ଟିରେ ରଖି ଯଦି ଆନୁଷଙ୍ଗିକ ବ୍ୟବସ୍ଥା କରାନଯାଏ ତେବେ ଅଘଟଣ ଘଟିବା କିଛି ଅସମ୍ଭବ ନୁହେଁ । ଦେଶର ଅନ୍ୟାନ୍ୟ ପ୍ରମୁଖ ଧର୍ମସ୍ଥଳୀମାନଙ୍କରେ ମଧ୍ୟ ଅନୁରୂପ ବ୍ୟବସ୍ଥା ଗ୍ରହଣ କରାଯାଇସାରିଛି । ତେଣୁ ରାଜ୍ୟ ସରକାର ପୁରୀ ସହରର ଆଧୁନିକୀକରଣ ସହ ଏହାର ଐତିହ୍ୟକୁ ବଜାୟ ରଖିବା ସକାଶେ ଏଭଳି ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଏଥିପାଇଁ ଜନସହଯୋଗ ଏକାନ୍ତ ଲୋଡ଼ା । ଏହି ଯୋଜନା କାର୍ଯ୍ୟକାରୀ ହେବାରେ ପୁରୀ ସହରବାସୀଙ୍କ ସହଯୋଗ ସର୍ବାଦୌ ଆବଶ୍ୟକ । ସେମାନେ ଯେଉଁଭଳି ଭାବେ ସହଯୋଗର ହାତ ବଢ଼ାଇଛନ୍ତି, ସେଥିପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି । ଐତିହ୍ୟ କରିଡୋର ଯୋଜନା ସାକାର ହେଲେ ସେମାନଙ୍କୁ ଏକ ନୂଆ ପରିଚୟ ମିଳିବ । କେବଳ ପୁରୀ ସହରବାସୀଙ୍କୁ ନୁହେଁ, ସମଗ୍ର ଓଡ଼ିଆ ଜାତି ଏଥିପାଇଁ ନିଜକୁ ଗର୍ବ ଓ ଗୌରବ ଅନୁଭବ କରିବେ ।

# ହୀରାଖଣ୍ଡର ହୀରା ବୀର ସୁରେନ୍ଦ୍ର ସାଏ



ଅକ୍ଷୟ କୁମାର ରାଉତ

ଇତିହାସ ପୃଷ୍ଠାରେ ଆମ ଦେଶ ଜାତି ପାଇଁ ସଂଗ୍ରାମ କରିଥିବା ବହୁ ବୀର ପୁରୁଷଙ୍କ ବୀରତ୍ୱର ଗାରିମା ଦେଖିବାକୁ ପାଉ । ଭାରତମାତାର ବୀର ସଂଗ୍ରାମୀମାନଙ୍କ ଦେଶପ୍ରେମ, ବୀରତ୍ୱଯୋଗୁଁ ଗର୍ବିତ ଓ ଗୌରବାନ୍ୱିତ । ପୃଥ୍ୱୀରାଜ,ମିବାରର ରାଣା ପ୍ରତାପ, ମରହଟ୍ଟା ବୀର ଛତ୍ରପତି ଶିବାଜୀ,ବକ୍‌ସି ଜଗବନ୍ଧୁଙ୍କ ସଂଗ୍ରାମର ଯେଉଁ ଦେଶପ୍ରେମ ଧାରାରେ ପ୍ଲାବିତ, ବୀରତ୍ୱ ଯେଉଁ ଜାତିର ସ୍ୱାଭିମାନର ପ୍ରତୀକ । ସେହି ଜାତିର ପ୍ରଥମ ଜନଜାଗରଣ ସିପାହୀ ବିଦ୍ରୋହର ନାୟକ ମଙ୍ଗଳ ପାଣ୍ଡେ, ଝାନ୍‌ସୀରାଣୀ ଲକ୍ଷ୍ମୀବାଈ,ନାନା ସାହେବ, ତାନ୍ତିଆଟୋପେ, ଅଯୋଧ୍ୟାର ବେଗମ୍, ପୁରୀର ଚନ୍ଦନ ହଜୁରୀ ଓ ହୀରାଖଣ୍ଡ ସାମ୍ରାଜ୍ୟ (ସମ୍ବଲପୁର ରାଜ୍ୟ)ର ହୀରୋ ମହାନ୍ ସଂଗ୍ରାମୀ, ବୀର, ବିପ୍ଲବୀ, ଦେଶପ୍ରେମୀ, ଚୌହାଣ ପରମ୍ପରାର ପ୍ରତୀକ ସମଲେଶ୍ୱରୀ ଧର୍ମସିଂହଙ୍କ ପୁତ୍ର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଏହି ଜନ୍ମମାଟିକୁ ବିଦେଶୀ କବଳରୁ ମୁକ୍ତ କରିବାର ସଂକଳ୍ପକୁ ଋଦ୍ଧିମନ୍ତ କରିଛି ।

ସମ୍ବଲପୁର ରାଜ୍ୟ ତଥା ଐତିହ୍ୟପୂର୍ଣ୍ଣ ଚୌହାନ୍‌ରାଜତ୍ୱ ଖ୍ରୀ:୧୫୫୨ରେ ନରସିଂହ ଦେବଙ୍କ ସାନଭାଇ ରାଜା ବଳରାମ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ବଳରାମ ଦେବଙ୍କ ପରେ ହୃଦେ ନାରାୟଣ ଦେବ, ବଳଭଦ୍ର ଦେବ, ମଧୁକର ସାଏ, ବଳୀୟାର ସିଂହ ଓ ଚୌହାଣ ବଂଶର ଶେଷରାଜା ମହାରାଜ ଛତ୍ର ସାଏ । ଚୌହାଣ ରାଜାମାନେ ୨୭୫ ବର୍ଷ ସମ୍ବଲପୁର ରାଜ୍ୟ ଶାସନ କରିଥିଲେ । ମଧୁକର ସାଏଙ୍କ ଛଅରାଣୀ ଏବଂ ପାଂଚ ପୁତ୍ର ଥିଲେ । ପ୍ରଥମ ପୁତ୍ର ବଳୀୟାର ସିଂହ ଅନ୍ୟମାନେ ହେଲେ ଅନିରୁଦ୍ଧ ସାଏ, ମଦନ ଗୋପାଳ, ବଂଶୀ ଗୋପାଳ ଓ ଅନନ୍ତ ସାଏ (କୃଷ୍ଣସିଂହ) । ମଧୁକର ସାଏ ବାନପ୍ରସ୍ଥ ଯିବାରୁ ଜ୍ୟେଷ୍ଠପୁତ୍ର ବଳୀୟାର ସିଂହ ସିଂହାସନ ଆରୋହଣ କଲେ । ରାଜା ବଳୀୟାର ସିଂହ ଅଠରଗଡ କରାୟତ କରି ହୀରାଖଣ୍ଡର ଛତ୍ରପତି ଉପାଧିରେ ଭୂଷିତ ହେଲେ ।

ଅନିରୁଦ୍ଧ ସାଏ ସମ୍ବଲପୁର ରାଜା ମଧୁକର ସାଏଙ୍କ ଠାରୁ ଖିଣ୍ଡା ଓ ରାଜପୁର ଅଂଚଳ ପାଇଥିଲେ ମଧ ସମ୍ବଲପୁରରେ ରହୁଥିଲେ । ଅନିରୁଦ୍ଧ ସାଏଙ୍କ ପାଂଚ ପୁତ୍ର ଥିଲେ । ସେମାନେ ହେଲେ ରାମସିଂ, ଜଗନ୍ନାଥ ସିଂହ, ମଧୁସିଂହ, ଯଦୁସିଂହ ଓ ଅରୂପ ସିଂହ । ଅନିରୁଦ୍ଧ ସାଏଙ୍କ ତୃତୀୟ ପୁତ୍ର ମଧୁ(ମାଧବ) ସିଂହ ଖିଣ୍ଡା ଓ ରାଜପୁର ପ୍ରଗଣା ଦାୟିତ୍ୱ ବୁଝାସୁଝା କରୁଥିଲେ ମଧ ଅନିରୁଦ୍ଧଙ୍କ ବଂଶଧରମାନେ ସମ୍ବଲପୁର ପ୍ରାସାଦରେ ବସବାସ କରୁଥିଲେ । ମଧୁସିଂହଙ୍କର ତିନିପୁଅ, ସେମାନେ ହେଲେ ବାଲା ସିଂହ, ନରହରି ସିଂହ ଓ ଦିବ୍ୟସିଂହ । ଦିବ୍ୟସିଂହ (ଦ୍ରିପ୍ ସିଂହ)ଙ୍କର ତିନୋଟି ପୁତ୍ର ଥିଲେ । ସେମାନେ ହେଲେ ତେଜସିଂହ, କଲ୍ୟାଣ ସିଂହ ଓ ଗୁମାନ ସିଂହ, ତେଜସିଂହଙ୍କ ସମୟରେ ତାଙ୍କ ପରିବାର ଖିଣ୍ଡାକୁ ସ୍ଥାନାନ୍ତରିତ ହୋଇଥିଲେ । ତେଜସିଂହଙ୍କ ପାଂଚ ପୁଅଥିଲେ, ସେମାନେ ହେଲେ ଜରାବର, ମନୋହର, ବଳରାମ, ଅମରସିଂହ ଓ ଧର୍ମସିଂହ । ମନୋହର ସିଂହ ପ୍ରେମଜନିତ ଘଟଣାରୁ ନିହତ ହେଲେ । ଜରାବର, ବଳରାମ ଓ ଅମରସିଂହଙ୍କର ସନ୍ତାନସନ୍ତତି ନଥିବାରୁ ଧର୍ମସିଂହଙ୍କ ପ୍ରତି ଖିଣ୍ଡା ପରିବାରର ସ୍ନେହ ଓ ସଦିଚ୍ଛା ରହିଥିଲେ । ଅନିରୁଦ୍ଧ ସାଏଙ୍କ ଦ୍ୱିତୀୟ ପୁତ୍ର ଜଗନ୍ନାଥ ସିଂହଙ୍କ ଦୁଇପୁଅ ହେଲେ କାର୍ତ୍ତି ଓ ପୃଥ୍ୱୀ । ପୃଥ୍ୱୀଙ୍କ ତିନୋଟି ପୁଅଥିଲେ । ସେମାନେ ହେଲେ ରାଜ ସିଂହ, ସୁବଳ ସିଂହ ଓ ଅଜିତ ସିଂହ । ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ଖିଣ୍ଡା ବଂଶୀୟମାନେ ଥିଲେ ବିଶେଷ ପ୍ରଭାବଶାଳୀ ।

ଧର୍ମସିଂହ ୧୮୦୦ ଖ୍ରୀ:ରେ ଦରଗାଁ ଜମିଦାରଙ୍କ କନ୍ୟା ରେବତୀ ଦେବୀଙ୍କୁ ବିବାହ କରିଥିଲେ । ଧର୍ମସିଂହଙ୍କ ଔରସରୁ ଓ ରେବତୀ ଦେବୀଙ୍କ ଗର୍ଭରୁ ୧୮୦୯ ଖ୍ରୀଷ୍ଟାବ୍ଦ ଜାନୁଆରି ୨୩ ତାରିଖ ଦିନ ବୀର ସୁରେନ୍ଦ୍ର ସାଏ ଜନ୍ମଗ୍ରହଣ କରିଥିଲେ । ସୁରେନ୍ଦ୍ର ସାଏଙ୍କ ଛଅଗୋଟି ଭାଇ ଓ ଗୋଟିଏ ଭଉଣୀ ଥିଲେ । ସେମାନେହେଲେ ଉଦନ୍ତ ସାଏ, ଧ୍ରୁବସାଏ, ଉଜ୍ଜ୍ୱଳ ସାଏ, ଛବିଳ ସାଏ, ଜାଜ୍ୱଳ ସାଏ, ମେଦିନୀ ସାଏ,ଭଉଣୀ ଅଞ୍ଜନା ।

ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ପ୍ରଭାବଶାଳୀ ଦେୱାନ୍ ଆକବର ରାୟ ରାଜସୂପକାରଙ୍କୁ ହାତକରି ଖାଦ୍ୟରେ ବିଷ ଦେଇ ରାଜା ଅଜିତ୍ ସିଂହ ଓ ରାଜପୁତ୍ର ପ୍ରଦ୍ୟୁମ୍ନ ସିଂହଙ୍କୁ ହତ୍ୟା କରିଥିଲେ । ଅଜିତସିଂହଙ୍କ ରାଣୀ 'ରାମ ଖୁଆସିନା'ଙ୍କୁ ହତ୍ୟା କରାଗଲା । ଖିଣ୍ଡା ବଂଶୀୟମାନେ ଆକବର ରାୟଙ୍କ ବିପକ୍ଷରେ ଅସ୍ତ୍ରଧାରଣ କରିଥିଲେ । ସମ୍ବଲପୁର ରାଜଦରବାରର ଶେଷ ଚୌହାଣ ରାଜା ସାଏଙ୍କ ୧୮୨୭ ସ୍ୱର୍ଗାରୋହଣ ପରେ ରାଣୀ ମୋହନ କୁମାରୀ ଗାଦୀସୀନ ହେଲେ । ଖିଣ୍ଡା ପରିବାରର ପ୍ରଭାବଶାଳୀ, ସ୍ୱାଧୀନଚେତା ଓ ବିଚକ୍ଷଣ ବ୍ୟକ୍ତିତ୍ୱ ବଳରାମ ସାଏ ଦେବାନ ପଦରେ ନିଯୁକ୍ତ ହେଲେ । ଇଂରେଜମାନେ କୌଶଳକ୍ରମେ ବଳରାମ ସାଏଙ୍କୁ ଦେବାନ ପଦବୀରୁ ହଟାଇ ରାଜ୍ୟ ଶାସନ କଲେ । ୧୯୨୭ ରୁ ୧୮୩୩ ପର୍ଯ୍ୟନ୍ତ ରାଣୀମୋହନ କୁମାରୀଙ୍କ ନାମରେ ଶାସନ କାର୍ଯ୍ୟ ପରିଚାଳନା କଲେ । ଏହି ସମୟରେ ପିତୃବ୍ୟ ବଳରାମ ସାଏ ନିଜ ପୁତୁରା ସୁରେନ୍ଦ୍ର ସାଏଙ୍କ ପାଇଁ ଏକ ଭିତିଭୂମି ପ୍ରତିଷ୍ଠା କଲେ । ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମେ ଲଖନପୁରର ଜମିଦାର ବଳଭଦ୍ର ସିଂହଦାଓ ଆନ୍ଦୋଳନ ଆରମ୍ଭ କରିଦେଲେ ଓ ଏହାର ନେତୃତ୍ୱ ନେବାପାଇଁ ସୁରେନ୍ଦ୍ରସାଏଙ୍କୁ ପ୍ରବର୍ତାଇଥିଲେ । ସୁରେନ୍ଦ୍ରସାଏ ତତ୍କାଳୀନ ଛୋଟାନାଗପୁର ଅଧୀନରେ ଥିବା ହାତୀବାରି ଜମିଦାରଙ୍କ କନ୍ୟା ସୁବର୍ଣ୍ଣ କୁମାରୀଙ୍କୁ ବିବାହ କରିଥିଲେ । ୧୮୩୯ ଖ୍ରୀ:ରେ ସୁରେନ୍ଦ୍ର ସାଏଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା ତାର ନାମ ମିତ୍ରଭାନୁ ସାଏ, ପରେ ଏକ କନ୍ୟା ଜନ୍ମହୋଇଥିଲା ଏବଂ ତାଙ୍କ ଭଉଣୀଙ୍କ ପରି ଅବିବାହିତ ଥିଲା । ସୁରେନ୍ଦ୍ରସାଏଙ୍କ ସହଧର୍ମିଣୀ ସୁବର୍ଣ୍ଣ କୁମାରୀ ଜଣେ ଧର୍ମ ପରାୟଣ, ଆଦର୍ଶ, ଦୟାଳୁ ଓ ସ୍ନେହମୟୀ କ୍ଷତ୍ରିୟ ଗୃହିଣୀ ଥିଲେ । ସେ ସୁରେନ୍ଦ୍ରଙ୍କୁ ସାହାସୀ, ଧର୍ଯ୍ୟବାନ, ନିର୍ଭୀକ, ସଂଗ୍ରାମୀ ଓ ସ୍ୱାଧିନଚେତା ହେବା ପାଇଁ ପ୍ରେରଣା ଦେଉଥିଲେ ।

ଇଂରେଜମାନେ ରାଣୀ ମୋହନ କୁମାରୀଙ୍କୁ ପେନ୍‌ସନ୍ ଦେଇ ପ୍ରଥମେ କଟକ ଓ ପରେ ଖୋର୍ଦ୍ଧାକୁ ପଠାଇଥିଲେ । ଏହାପରେ ନାରାୟଣ ସିଂହ ନାମକ ଜଣେ ବିବାଦୀୟ ବ୍ୟକ୍ତିଙ୍କୁ ସମ୍ବଲପୁର ରାଜଗାଦିରେ ବସାଇ ଶାସନ କାର୍ଯ୍ୟ ଚଳାଇଲେ, ଫଳରେ ବିପ୍ଳବର ବହ୍ନି ତେଜିଉଠିଲା । ଖିଣ୍ଡାବଂଶୀୟ ବଳରାମ ସାଏଙ୍କ ପରାମର୍ଶରେ ଓ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହେଲା। । ବାରପାହାଡର ଦେବୀରଗଡ ଦୁର୍ଗ, ବାରବଖରା, ମଉଳା-ଭଣଜ୍ଞା, ଝରଘାଟୀ, ମୁଣ୍ଡେଇଘାଟୀ, ପପଙ୍ଗା ପାହାଡ, ସିଂଘୋଡା ଘାଟି ଇତ୍ୟାଦି ବିଭିନ୍ନ ସ୍ଥାନର ଜମିଦାର, ଗୌନ୍ତିଆମାନେ ଓ ବିଦ୍ରୋହୀ ନେତାମାନଙ୍କ ନେତୃତ୍ୱରେ ଆଦିବାସୀ ସୈନ୍ୟମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ସୁରେନ୍ଦ୍ରଙ୍କ ସପକ୍ଷରେ ରହିଲେ । ୧୮୩୭ରେ ବାରପାହାଡ ଗିରିଗୁମ୍ଫାରେ ବିଶ୍ରାମରତ ଥିବାବେଳେ, ଇଂରେଜସୈନ୍ୟ, ନାରାୟଣ ସିଂହଙ୍କ ସୈନ୍ୟ ଓ ରାମପୁର ଜମିଦାର ସୁରେନ୍ଦ୍ରଙ୍କ ଉପରେ ଆକ୍ରମଣ କଲେ । ଏହି ଯୁଦ୍ଧ ପାଇଁ ସୁରେନ୍ଦ୍ର ପ୍ରସ୍ତୁତ ନଥିଲେ । ବଳଭଦ୍ର ସିଂହଦାଓ ନିହତହେଲେ ଓ ସୁରେନ୍ଦ୍ର ଆହତ ଅବସ୍ଥାରେ ପଳାୟନ କଲେ । ବୀର ସୁରେନ୍ଦ୍ରସାଏ ୧୮୪୦ରେ ରାମପୁର ରାଜବାଟୀ ଆକ୍ରମଣ କରି ଜମିଦାର ଓ ତାଙ୍କ ପୁତ୍ରଙ୍କୁ ହତ୍ୟା କରି ରାଜବାଟି ସମ୍ପୂର୍ଣ୍ଣ ଧ୍ୱଂସ କରିଥିଲେ । ଏହାପରେ ସୁରେନ୍ଦ୍ରଙ୍କର ସାହସ ଓ ଶକ୍ତି ବୃଦ୍ଧି ପାଇଥିଲା । ରାମପୁରଗଡ଼ ବିଜୟକରି ସୁରେନ୍ଦ୍ରସାଏ ବିପ୍ଳବୀ ସୈନ୍ୟ, ବଳରାମସାଏ ଓ ଭାଇ ଉଦନ୍ତ ସାଏଙ୍କୁ ଧରି ସମ୍ବଲପୁର ସହର ନିକଟ ଦେଇ ଯିବାସମୟରେ ମେଜର ଓସ୍‌ଲେ ସୁଦକ୍ଷ ଇଂରେଜ ସୈନ୍ୟବାହିନୀ ସହିତ ଦେହେରୀ ପାଲି ନିକଟସ୍ଥ ବୁଢ଼ାରାଜା ପାହାଡ ନିକଟରେ ସୁରେନ୍ଦ୍ରଙ୍କୁ ଆକ୍ରମଣକଲେ । ଏହି ଯୁଦ୍ଧରେ ମେଜର ଓସ୍‌ଲେ ସୁରେନ୍ଦ୍ର ସାଏ, ପିତୃବ୍ୟ ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ବନ୍ଦୀକଲେ । ଦଣ୍ଡ ସ୍ୱରୂପ ଆଜୀବନ ବନ୍ଦୀ ଭାବରେ ହଜାରିବାଗ ଜେଲରେ ରହିଲେ ।

୧୯୪୯ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୧୦ ତାରିଖରେ ରାଜା ନାରଣସିଂହଙ୍କ ମୃତ୍ୟୁହେଲା । ରାଣୀ 'ମୁଖ୍ୟପାନଦେବୀ' ଖୁବ୍ ଅଳ୍ପ ସମୟ ଶାସନକରିଥିଲେ । ରାଜ୍ୟସ୍ୱତ୍ୱ ଲୋପନୀତି ଅନୁସାରେ ସମ୍ବଲପୁର ରାଜ୍ୟ ଶାସନ ଇଂରେଜମାନଙ୍କ ହାତକୁ ଚାଲିଯାଇଥିଲା । ରାଜକନ୍ୟା ଆଶାକୁମାରୀଙ୍କୁ କଳାହାଣ୍ଡି ରାଜପୁତ୍ର ସହ ବିବାହ ଇଂରେଜ କର୍ତୃପକ୍ଷ କରାଇଥିଲେ । ୧୮୫୭ ମସିହାରେ ସିପାହୀ ବିଦ୍ରୋହର ବହ୍ନି ପ୍ରଜ୍ଜ୍ୱଳିତ ହେଲା । ୧୮୫୭ ଜୁଲାଇ ୩୦ ଦିନ ବିଦ୍ରୋହୀ ମାନେ ହଜାରିବାଗ ଜେଲଭାଙ୍ଗି ଦେଲେ । ୧୮୫୭ ମସିହା ଜୁଲାଇ ୩୧ ତାରିଖରେ ସୁରେନ୍ଦ୍ରସାଏ ଓ ତାର ଭାଇ ଉଦନ୍ତ ସାଏ ଜେଲରୁ ମୁକ୍ତ ହେଲେ, କିନ୍ତୁ ପିତୃବ୍ୟଙ୍କର ମୃତ୍ୟୁ ହୋଇସାରିଥିଲା ।

ସୁରେନ୍ଦ୍ର ସାଏ ନିଜ ଜନ୍ମଭୂମିରେ ପହଂଚିବାପରେ ସେମାନଙ୍କୁ ହଜାର ହଜାର ଲୋକ ସମର୍ଥନ ଜଣାଇଥିଲେ । ସୁରେନ୍ଦ୍ର ଇଂରେଜମାନଙ୍କୁ ମୁକାବିଲା କରିବା ପାଇଁ ଗରିଲା ରଣନୀତି ଆପଣାଇଥିଲେ । ଘଂଚବନାନୀ, ଗିରିଶୃଙ୍ଗକୁ ବିପ୍ଳବିମାନେ ଆଶ୍ରୟସ୍ଥଳୀ ଭାବେ ବାଛି ନେଇଥିଲେ । ସୁରେନ୍ଦ୍ର ସାଏଙ୍କୁ ଶତଚେଷ୍ଟା ସତ୍ୱେ ଇଂରେଜମାନେ ଧରିପାରିନଥିଲେ । ସୁରେନ୍ଦ୍ର ସାଏ, ଗୋବିନ୍ଦ ସିଂହ ଓ କୁଞ୍ଜଳ ସିଂହଙ୍କୁ ଧରାଇଦେଲେ ଯଥାକ୍ରମେ ଏକ ହଜାର ଟଙ୍କା, ୫ଶହ ଟଙ୍କା ଓ ୨୫୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ମାତ୍ର କିଛି ଫଳ ହେଲାନାହିଁ । ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ, ଛଳନା ଓ ଚରମ ବିଶ୍ୱାସଘାତକତାର ଶିକାରହେଲେ ବୀରସୁରେନ୍ଦ୍ର ସାଏ । ଇଂରେଜ ଶାସକ ଇମ୍ପେଙ୍କ ଉଦାରନୀତି ଯୋଗୁଁ ବିଦ୍ରୋହୀମାନଙ୍କୁ ଆତ୍ମ ସମର୍ପଣ କରିବାର ସୁଯୋଗ ମିଳିଥିଲା । ୧୮୬୨ ମସିହା ମଇ ୧୬ ତାରିଖରେ ସୁରେନ୍ଦ୍ରସାଏ ତାଙ୍କର ଘନିଷ୍ଠ ସହକର୍ମୀ ଗଜରାଜ ସିଂ ଓ ଖଗେଶ୍ୱର ସିଂହଦାଓଙ୍କ ସହିତ ମେଜର ଇମ୍ପେଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ଇଂଲଣ୍ଡ ରାଣୀଙ୍କ ପକ୍ଷରୁ ଲଣ୍ଡନର ଇଣ୍ଡିଆ ଅଫିସ୍‌ରୁ ତା୧୭.୦୨.୧୮୬୩ ପତ୍ରାଙ୍କ ୧୧ ଅନୁସାରେ ସୁରେନ୍ଦ୍ର ସାଏଙ୍କୁ କ୍ଷମାପ୍ରଦାନ କରି ବଡଲାଟ ମଞ୍ଜୁର କରିଥିବା ବୃତିକୁ ଶେଷ ମଞ୍ଜୁରୀ ଦେଇଥିଲେ । ୧୮୬୪ରେ ଜେ.ଏସ୍ କେମ୍ପବେଲ୍ ସୁରେନ୍ଦ୍ର ଓ ସାଥୀମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତକରିବାକୁ ରାୟପ୍ରକାଶ କରିଥିଲେ ।

୧୮୧୮ ଆଇନର ଅଧିନନିୟମ ୩ ଅନ୍ତର୍ଗତ 'ଭାରତ ରକ୍ଷା ଆଇନ' ବଳରେ ମଧ୍ୟପ୍ରଦେଶ ଚିଫ୍ କମିଶନର ସାର୍ ରିଚାର୍ଡ ଟେମ୍ପଲ୍ ସୁରେନ୍ଦ ସାଏ ଓ ଅନ୍ୟ ୬ ଜଣ ବିଦ୍ରୋହୀଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଲେ । ନିର୍ଦ୍ଦୋଷମାନଙ୍କୁ ଦଣ୍ଡଦେଇ ଇଂରେଜ କର୍ତୃପକ୍ଷ ଦୟାନିଧି ମେହେର ଓ ମୋହନ ସିଂହଙ୍କୁ ସୁରେନ୍ଦ୍ର ସାଏଙ୍କ ବିରୋଧରେ ଭଲ କାର୍ଯ୍ୟ କରିଥିବାରୁ ପୁରସ୍କୃତ କରିଥିଲେ । ୧୮୬୫ରେ ସୁରେନ୍ଦ୍ର ସାଏଙ୍କୁ ଅସୁରଗଡ ଗିରିଦୁର୍ଗରେ ବନ୍ଦୀ କରାଯାଇଥିଲା । ୧୮୮୪ ଫେବୃଆରି ୨୪ ତାରିଖରେ ଅସୁରଗଡ଼ ଦୁର୍ଗରେ ହିଁ ଏହି ମହାନ ବୀରଙ୍କ ଜୀବନ ଦୀପ ଲିଭିଯାଇଥିଲା । ଏହି ମହାନ୍ ବୀର ପୁରୁଷ ଓ ତାଙ୍କର ସହଯୋଗୀମାନେ ସମ୍ବଲପୁର ସମେତ ସାରା ଦେଶରେ ଯୁଗ ଯୁଗ ଧରି ଅମର ରହିବେ ।


+ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର

ମୋ : ୯୯୩୭୬୯୧୪୭୫


# ଆଦର୍ଶ ଶିକ୍ଷକ ଓ ସାହିତ୍ୟିକ କୃଷ୍ଣଚନ୍ଦ୍ର ସାମଲ

ପ୍ରଦୀପ୍ତ କୁମାର ମହାନ୍ତି



✓କୃଷ୍ଣଚନ୍ଦ୍ର ସାମଲ

ଏକାଦଶାହ ଉପଲକ୍ଷେ


ସାହିତ୍ୟ, ଶିକ୍ଷା, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାମଲ । ୧୯୩୪ ମସିହାରେ ଭଦ୍ରକ ଜିଲ୍ଲାର ବାସୁଦେବପୁର ଥାନା ଅର୍ନ୍ତଗତ ସୁଦର୍ଶନପୁର ଗ୍ରାମ ପଂଚାୟତରେ ସେ ଜନ୍ମଗ୍ରହଣ କରନ୍ତି । ଦୀର୍ଘବର୍ଷ ଧରି ସେ ଶିକ୍ଷକତା କାର୍ଯ୍ୟ କରି ଅନେକ ମେଧାବୀ ଛାତ୍ରଛାତ୍ରୀ ତଆରି କରିପାରିଛନ୍ତି । ୧୯୯୨ ମସିହାରେ ବାସୁଦେବପୁର ବ୍ଲକର ବାରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ ସ୍ୱର୍ଗତ ସାମଲ । ଭାରତ ସରକାରଙ୍କ ଜନଗଣନା କାର୍ଯ୍ୟରେ ସେ ଉଚ୍ଚ ପ୍ରଶଂସିତ ହୋଇଥିଲେ ଏବଂ ମହାମହିମ ରାଷ୍ଟ୍ରପତିଙ୍କଠାରୁ ରୌପ୍ୟ ପଦକ ଲାଭ କରିଥିଲେ । ବାସୁଦେବପୁର ପ୍ରାଥମିକ ସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀଙ୍କର ସମସ୍ୟାକୁ ରାଜ୍ୟ ସରକାରଙ୍କ ଲୋକଲୋଚନକୁ ଆଣିପାରିଥିଲେ । ଓଡ଼ିଶାର ବିଭିନ୍ନ ସମସ୍ୟା ସମ୍ପର୍କରେ କଳିଙ୍ଗ ବୀର ବିଜୁ ପଟ୍ଟନାୟକ, ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ, ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କୁ ସ୍ୱର୍ଗତ ସାମଲ ଚିଠି ଲେଖୁଥିଲେ । ବାସୁଦେବପୁର ଗାନ୍ଧୀ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ସଂଗ୍ରାମୀ କମଳା ପ୍ରସାଦ କର, ସଂଗ୍ରାମୀ ଅନିରୁଦ୍ଧ ମହାନ୍ତି, ସଂଗ୍ରାମୀ ଗଣେଶ ପ୍ରସାଦ ତ୍ରିପାଠୀ, ସଂଗ୍ରାମୀ ରବୀନ୍ଦ୍ର ମୋହନ ଦାସ, ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଜୀ, ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ସହିତ ସ୍ୱର୍ଗତ ସାମଲଙ୍କର ଉତ୍ତମ ସଂପର୍କ ରହିଥିଲା । ଓଡ଼ିଶାର ବିଭିନ୍ନ ଖବରକାଗଜ ଓ ସାହିତ୍ୟ ପତ୍ରପତ୍ରିକାରେ ସ୍ୱର୍ଗତ ସାମଲଙ୍କର ଲେଖା ପ୍ରକାଶ ପାଇ ପାଠକୀୟ ଆଦୃତ ଲାଭ କରିଥିଲା । ଅନେକ ଦୁଃଖୀ ଗରିବ ଲୋକଙ୍କୁ ସେ ସାହାଯ୍ୟ ସହଯୋଗ କରୁଥିଲେ ଏବଂ ବିଭିନ୍ନ ସମସ୍ୟାକୁ ସେ ମୁରବୀ ସ୍ଥାନରେ ବସି ଶୀଘ୍ର ସମାଧାନ କରିପାରୁଥିଲେ । ବାସୁଦେବପୁର ଅଟଳବିହାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏବଂ ଓଡ଼ିଶାର ବିଭିନ୍ନ ସାହିତ୍ୟ, ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି । ସ୍ୱର୍ଗତ ସାମଲଙ୍କର ସହଧର୍ମିଣୀ ଶକୁନ୍ତଳା ସାମଲ, ପୁତ୍ରା, ଅକ୍ଷୟ ସାମଲ, ପୁତ୍ରବଧୂ ସୁଶ୍ରୀ ସଂଗୀତା ସାମଲ, ପୁତ୍ର ଅଜୟ ସାମଲ, କନ୍ୟା ଅନୁପମା ସାମଲ, ଅନ୍ନପୂର୍ଣ୍ଣ ସାମଲ, ଅରୁଣିମା ସାମଲ, ପୁତୁରା ବିଜୟ ସାମଲ, ଅଜୟ ସାମଲ, ଉଦୟ ସାମଲ, ଜ୍ୱାଇଁ ପ୍ରାଧ୍ୟାପକ ମନୋରଂଜନ ବିଶ୍ୱାଳ, ବୈକୁଣ୍ଠ ସାହୁ, ରଘୁନାଥ ରାଉତ ପ୍ରମୁଖ ସମସ୍ତେ ତାଙ୍କୁ ଭକ୍ତି କରିବା ସହିତ ସେବା କରୁଥିଲେ । ସ୍ୱର୍ଗତ ସାମଲଙ୍କ ଆତ୍ମଜୀବନୀ ମୂଳକ ପୁସ୍ତକ 'ସ୍ୱର ଓ ସ୍ୱାକ୍ଷର' ଓଡ଼ିଶାର ସାହିତ୍ୟ ଜଗତରେ ଖୁବ୍ ଆଦର ଲାଭ କରିଛି । ତାଙ୍କର ମିଠାକଥା ଓ ସୁନ୍ଦର ବ୍ୟବହାର ସମସ୍ତଙ୍କୁ ଆକର୍ଷିତ କରିଥାଏ । ସେ ଯୁଗ ଯୁଗ ଧରି ଚିରନମସ୍ୟ ହୋଇ ରହିବେ । ଆଜିର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆମର ଏତିକି ଶ୍ରଦ୍ଧାଂଜଳି ।


+ସଂପାଦକ-ରଙ୍ଗରାଗ

ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ







## କବିର ଆଖି...

ବୃନ୍ଦାବନ ଦାସ

ଧୂସର ରଙ୍ଗର ଆକାଶ ତଳେ
ଜିଭ ହଲଉଛି ଧୀରେ
ଚୁପଚାପ୍ ସନ୍ଦିଗ୍ଧ ଖରା
ଏବେ ଏବେ ପତ୍ରହୀନ ଗଛସବୁ
ଝଟକିବେ
ନୀଳ ଲୋହିତ ରଙ୍ଗରେ
ଶାଖାରେ ଶାଖାରେ ପତ୍ରକୁ ସଜେଇ
କା' ହାତର କାଉଁରୀ ଛୁଆଁରେ
ଆମ୍ବଗଛ ଚହଟିଲାଣି
ଭର୍ତ୍ତି ବଉଳରେ ।

ଶୀତ ଯିବା ଆସିବାର ବେଳ
କାହିଁ ଗଲା
ହଳଦୀ ଗୁରୁ ଗୁରୁ ସୋରିଷ ଫୁଲ !
ଆକାଶରୁ ନଇପଠା
ଲମ୍ବିଥିବା ନୀଳିମାର ନୀଳ ପଣତରେ
କିଏ ବୋଳି ଦେଲାଣି
ପରସ୍ତ ପରସ୍ତ ଧୂଳିର ଫଗୁ ।

କିଏ ଲେଉଟେଉଛି
କା' ହାତଅଙ୍କା ପୃଷ୍ଠା ପରେ ପୃଷ୍ଠା !
ଆଉ ଏକ ଦୃଶ୍ୟର ଗହଳି ଭିତରେ
କେତେବେଳେ ହଜିଗଲାଣି
ଥୁରୁଥୁରୁ ଜଡତାର ବ୍ୟସ୍ତ ନିରବତା
କିଏ ପରସି ଦେଲାଣି ମଧୁ
ନବ ପୁଲକର ଅଭିମନ୍ତ୍ରରେ ସ୍ୱତଃ
ଖେଳିଯାଏ ନୂଆ ଉଦ୍ଦୀପନା ।

ପତ୍ରଝଡାଠୁଁ
ସବୁଜିମାରେ ଲହଡି ଭାଙ୍ଗୁଥିବା ଗଛ
ଆକାଶକୁ ବଦରଙ୍ଗୀ କରୁଥିବା
ମେଞ୍ଚା ମେଞ୍ଚା ଧୂଳିର ବଉଦ ସତ୍ତ୍ୱେ
ଡେମ୍ଫରେ ଡେମ୍ଫରେ
ଦୋହଲୁଥିବା ପେନ୍ଥା ପେନ୍ଥା ଫୁଲ
କିଏ ବୋଳିଦିଏ
ଏସବୁରେ ଏତେ ରଙ୍ଗ
ଛୁଟେ ରଙ୍ଗର ରୋଷଣୀ
ପ୍ରଜାପତି ଧାଏଁ
ପଛେ ପଛେ ଆଖି ।

କବିର ଆଖି
ଖାଲି ଆଜି ନୁହେଁ ...
କାଳକାଳ ବସନ୍ତର ପ୍ରତୀକ୍ଷାରେ
ମଳୟ ଟିକକ ପାଇଁ
ଅନ୍ତର୍ଜ୍ୱାଳା ଦୁଃଖ ସତ୍ତ୍ୱେ
ଏମିତି ମନ ଭୁଲାଣିଆ ଭାବନାରେ
ଜଗତକୁ ଦେଖେ
ବାରମ୍ବାର ନିଜକୁ ହଜେଇ
ଶିହରିତ ମଳୟ ଭିତରୁ ଖୋଜି
ପାଉଥାଏ ନିଜକୁ ।


+ଡେରାବିଶ କଲେଜ , ଡେରାବିଶ
କେନ୍ଦ୍ରାପଡା- ୭୫୪୨୮୯
ମୋ- ୯୭୭୭୮୪୩୦୩୧





## ବ୍ୟଥା..

ଦ୍ୱିତୀ ଚନ୍ଦ୍ର ସାହୁ



ସବୁତକ ଗୁମସୁମ ମେଘ
ବେଳେବେଳେ ଏକା ସଂଗେ
ଅଜାଡ଼ିବାକୁ କାହିଁକି
ଇଚ୍ଛା କରନ୍ତି କେଜାଣି !

ଅବିଶ୍ୱାସର ଦଲକାଏ ପବନ
କୁଆଡୁ ଥାଏ ଆସିଯାଏ
ଅଜାତଶତ୍ରୁ ଭଳି
ନେଇଯାଏ ଦୂରରୁ ଦୂରକୁ,

ସ୍ୱପ୍ନ ସବୁ ପାଲଟିଯାଏ
ପଥର ଚଟାଣ ପରି
ଆଉ ମନଜିଣା ମଣିଷ
ଦୂରକୁ ସୁଂଦର ଦିଶୁଥିବା
ପାହାଡ଼ ପରି
ଅଚିହ୍ନା ଓ ଅପହଞ୍ଚ ।

ଶତ୍ରୁ ପାଲଟିଯାନ୍ତି
ଅକାରଣେ ସମସ୍ତେ
ମାଟି, ପାଣି, ପବନ
ପରିବେଶ, ମଣିଷ ଓ ମନ
କହି ହୁଏନି ସବୁକଥା ଓ ବ୍ୟଥା
ଲୁଚେଇବାକୁ ହୁଏ ଅନ୍ତରେ
ଲୁହକୁ ପିଇ ପିଇ
ଅନେକ କିଛି ରହିଯାଏ
ହୋଇ ଆକ୍ତମାକ୍ତା ।


+ଇନ୍ଦିରା ନଗର, ଚତୁର୍ଥ ଗଳି
ରାୟଗଡା -୭୬୫୦୦୧
ମୋ ୯୫୫୬୨୮୭୭୭୫


## ଚିର ବସନ୍ତ..

ଧ୍ରୁବ ଚରଣ ବେହେରା



ଥିରି ଥିରି ହସି ଆସଇ ବସନ୍ତ
ସବୁଜ ଓଢଣା ଟାଣି
ନବ ପଲ୍ଲବିତେ ପାଦପର ଦେହେ
ମେଲାଇ ରଙ୍ଗ ରୋଷଣି ।

ବଉଳ ସୁରଭି ମଳୟର ସାଥେ
ବହେ ଅମାନିଆ ହୋଇ
ଆମ୍ର କୁଞ୍ଜ ବନେ କଳକଣ୍ଠ ମୁଖୁ
ପଞ୍ଚମ ସୁର ଭାସଇ ।

ନବ ଯଉବନା କେତକି କାମିନୀ
ପ୍ରେମେ ଉଠୁଥାନ୍ତି ମାତି
ପ୍ରେମିକ ଭଅଁର କୋମଳତା ଦେହେ
ବରଷି ଦିଅଇ ତାତି ।

ତାମ୍ର କଳିକାର ମହକ ନଥାଉ
ଶୋଭା ଦେଉଥାଏ ଢାଳି
ପଳାଶ ସୁନ୍ଦରୀ ଝୁମି ଝୁମି ଝୁଲେ
ରଙ୍ଗେ ଖେଳୁଥାଏ ଦୋଳି ।

ଋତୁରାଜ ଲାଗି ଧରଣୀ କୋଳରେ
ପ୍ରେମର ଫୁଆର ହସେ
ନବ ପଲ୍ଲବିତ ସଂସାର ସୁଷମା
ପ୍ରୀତିର ଭାବ ପରଶେ ।

ଆହା କି ସୁନ୍ଦର ଚିର ବସନ୍ତର
ରୂପ ଲାଗେ ଅନୁପମ
ଷଷ୍ଠ ଋତୁ ମଧେ ଅପୂର୍ବ ବିଧୁର
ସଦା ସେ ଲାଗେ ଉତ୍ତମ ।


+ଅଠରବାଟିଆ,ବାଲୁଗାଁ(ଖୋର୍ଦ୍ଧା)
ମୋ:୮୩୨୮୯୩୦୫୫୪




# ଉତ୍ତରର ପ୍ରତୀକ୍ଷାରେ



କାବ୍ୟଭୂଷଣ
ଶିବ ପ୍ରସାଦ ବାହିନୀପତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସେସବୁର ପ୍ରମାଣ ଥିଲେ ବି ମୁଁ ତାଙ୍କୁ ଅଧିକ ଅସମ୍ମାନୀତ କରିବାକୁ ଅନିଚ୍ଛୁକ ; ତେଣୁ ଉପସ୍ଥାପନ କରୁନାହିଁ । ଗୋଟେ ଉଦାହରଣ ଦେଉଛି ; ଯାହା ଆପଣମାନେ ଜାଣି ପାରିବେ ମୋ' ପାଖରେ ପ୍ରମାଣର ଅଭାବ ନାହିଁ । ଦିନେ ଏକ ସାହିତ୍ୟନୁଷ୍ଠାନରେ ଏକ ସାହିତ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଗଲା । ଏ ବାବୁଙ୍କ କାନରେ ପଡ଼ିଲା ଖବର । ଫୋନ୍‌ରେ ବାରମ୍ବାର କରି ଚ଼ାଲିଲେ ଅନୁରୋଧ - 'ମତେ କିଛି କହିବାର ସୁଯୋଗ ଦିଅ ; ଆଉ ମାନପତ୍ରଟେ ଦିଅ । 'ବାରମ୍ବାର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ନ ପାରି ସଙ୍ଗଠନର କର୍ମକର୍ତ୍ତା ମାନେ ବାଧ୍ୟ ହୋଇ ନିମନ୍ତ୍ରଣ କଲେ । ସେ ପୁଣି କୁଆଡ଼େ ଦୁଇ ହଜାର ଟଙ୍କା ଲାଞ୍ଚ ଯାଚିଛନ୍ତି ; କିନ୍ତୁ କର୍ମକର୍ତ୍ତା ଲାଞ୍ଚ ନେବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି । ସୁଦୂର କେଉଁଝରରୁ ଦୁଇଟା ବସ୍ ବଦଳାଇ କାର୍ଯ୍ୟକ୍ରମରେ ଉପସ୍ଥିତ ହେଲେ। ସଙ୍ଗଠନର ଜଣେ ଉଚ୍ଚ ପଦବୀ ବ୍ୟକ୍ତି ତାଙ୍କୁ ଦେଖି କର୍ମକର୍ତ୍ତାଙ୍କ ଠାରୁ ସବୁକିଛି ବୁଝି ନେଲେ ଏବଂ ମହାଶୟଙ୍କୁ ପଚ଼ାରିବାରେ ସେ କହିଲେ - 'ମତେ ବାରମ୍ବାର ଅନୁରୋଧ କଲେ , ତେଣୁ ବାଧ୍ୟ ହୋଇ ଆସିଲି ।' ଉଚ୍ଚ ପଦସ୍ଥ ବ୍ୟକ୍ତି କହିଲେ - 'ସେ ଅନୁରୋଧ କଲେ ନା ଆପଣ ଅନୁରୋଧ କରି ବାଧ୍ୟ କଲେ ? 'ଏ ମହାଶୟ କିଛି କହି ନ ପାରି ହସିଲେ । ତେବେ ବୁଦ୍ଧିଜୀବୀମାନେ ଧ୍ୟାନ ଦେବେ ଯେ , ଏଇ ମହାଶୟ ଜାଣି ଜାଣି ନିଜର ଓଜନ ନିଜେ କିପରି ହାରିଲେ । ଖଣ୍ଡେ ମାନପତ୍ର ପାଇଁ ମଣିଷ ଯେ ଏତେ ତଳକୁ ଖସି ଯାଇପାରେ ; ଏ ମହାଶୟ ତା'ର ଜ୍ୱଳନ୍ତ ଉଦାହରଣ ।

ଏବେ ପ୍ରୟକ୍ଷ କଥାଟେ ଶୁଣନ୍ତୁ । ଏ ମହାଶୟଙ୍କର ମାନସିକତା କେମିତି ମୁଁ ତା'ର ଉଦାହରଣ ଦେଉଛି । ହ୍ୱାଟ୍ସଆପ୍‌ରେ ଏକ ଗ୍ରୁପ୍ ଉଦୟ ଭାନୁ (ସାହିତ୍ୟ ଓ ସମାଜସେବା ସଙ୍ଗଠନ) ; ଯାହା ୧୯୭୮ରୁ ପଞ୍ଜୀକୃତ । ସଦାସର୍ବଦା ସମାଜର ମଙ୍ଗଳ ପାଇଁ ପ୍ରଚେଷ୍ଟିତ ; ସେବା ଓ ସମର୍ପଣର ଏକ ପରିବାର । ସାହିତ୍ୟକ ମାନଙ୍କୁ ବିନା ଅର୍ଥରେ ଯଥୋଚିତ ସମ୍ମାନ ସହ ସମାଜର ସେବା କରିବାକୁ ଅହରହ ପ୍ରୟାସ ଜାରି ରଖିଛି । ସେହି ଗ୍ରୁପ୍‌ରେ ଏକ ସଦସ୍ୟ ଥିଲେ ଏ ମହାଶୟ । କୌଣସି କିଛି କାରଣ ନଥାଇ ଏକ ବିଚିତ୍ର ଉପସ୍ଥାପନ କଲେ । ସେ ଲେଖିଥିବା କଥାଟି ହେଲା - ' ୧୯୯୧ ମସିହାରେ ଏକ ରାଜ୍ୟସ୍ତରୀୟ ଶୈକ୍ଷିକ ସମ୍ମିଳନୀ ଖୋର୍ଦ୍ଧାରେ ହୋଇଥିଲା ।ମୁଁ କେନ୍ଦୁଝରରୁ ପ୍ରତିନିଧିତ୍ୱ କରିବାକୁ ଆସିଥିଲି । ଭୋର ୫ଟା ରେ ବସଷ୍ଟାଣ୍ଡର ଗୋଟିଏ କେଭିନ ଆଗ ପଟା ଉପରେ ବସିଛି,ଏକ ପାଗଳ ଗାଇ ଗାଇ ଆସିଲା। ସେହି ପଦଟି ଆଜି ବି ମୋର ମନେ ପଡୁଛି, ତାହା ଲେଖୁଛି, ଯାହା ଆଜିର ଯେକୌଣସି ଗଠନମୂଳକ ବିହୀନ ବ୍ୟକ୍ତି, ବିକୃତ ମସ୍ତିଷ୍କ , ଅକ୍ଷର ଶୁନ୍ୟ ଭଟ୍ଟାଚାର୍ଯ୍ୟଙ୍କ ପାଇଁ ଭାବୁଛି ପ୍ରଯୁଜ୍ୟ ।

ମଣିଷ ଚିହ୍ନେ ମଣିଷକୁଞ୍ଚ
ପଶୁ ଚିହ୍ନେ ପଶୁକୁଞ୍ଚ
ଖୋର୍ଦ୍ଧା ଚିହ୍ନେ ଭୁବନେଶ୍ୱରକୁଞ୍ଚ
ଭୁବନେଶ୍ୱର ଚିହ୍ନେ ପୁରୀକୁଞ୍ଚ

ଉପରୋକ୍ତ କଥାଟିକୁ ଟିକେ ଗୁରୁତର ସହ ବିଚାରକୁ ନିଅନ୍ତୁ । ୧୯୯୧ରେ ଶୈକ୍ଷିକ ସମ୍ମିଳନୀ , ଏତେ ଦିନର କଥା ମନେ ରଖିବା ଏବଂ ନିଜ ବୟସର ମୂଲ୍ୟାଙ୍କନ ସହ ପ୍ରଦତ୍ତ ପଶୁ - ମଣିଷ - ଖୋର୍ଦ୍ଧା - ଭୁବନେଶ୍ୱର - ପୁରୀ କଥାକୁ ଦୃଷ୍ଟି ଦିଅନ୍ତୁ ; ସବୁକିଛି ବୁଝି ପାରିବେ ଟିକେ ଗଭୀର ସମୀକ୍ଷା କଲେ । ଖୋର୍ଦ୍ଧା , ଭୁବନେଶ୍ୱର , ପୁରୀରେ ପଶୁ ରହନ୍ତି ; କେନ୍ଦୁଝରରେ ମଣିଷ ! କାହିଁ ଶେଷରେ ଲେଖିଲେନି ତ ପୁରୀ ଚିହ୍ନେ କେନ୍ଦୁଝରକୁ ! ଏଇ ଖୋର୍ଦ୍ଧା - ଭୁବନେଶ୍ୱର -ପୁରୀ ପରା ତମ ପରି କେତେଜଣ ପଶୁଙ୍କୁ ମଣିଷ କରାଇ ସମାଜରେ ପରିଚିତ କରାଇ ଛାଡ଼ିଛି । ଅର୍ଥ ଦେଇ ତମେମାନେ ଏଇ ଜାଗାରୁ ସମ୍ମାନ କିଣିଛ । ଯାହାର ଖାଉଛ , ତା' ଟାଙ୍କ ଛେଦିବାକୁ ସରମ ମାଡୁନି ଟିକେ ? ମୁଁ ଯେତେବେଳେ ଏହା ଦେଖିଲି ଆଶ୍ଚର୍ଯ୍ୟ ହୋଇଗଲି । ମନ୍ତବ୍ୟଟିଏ ଦେଲି - 'ପାଗଳର କଥା ପାଗଳ ବୁଝି ପାରେ , ଯେମିତି କାଲ କଥା କାଲ ମା' ହିଁ ଜାଣେ ।' ଏତିକି କହି ମୁଁ ମୋ' କାମରେ ଲାଗିଗଲି । ହ୍ୱାଟ୍ସଆପ୍‌ରେ କଲ୍ ଆସିଛି ; ମୁଁ କାର୍ଯ୍ୟ ବ୍ୟସ୍ତ ହେତୁ ଉଠାଇ ପାରିନି । ପରେ ଯାଇ ଦେଖିଲି ସେ ମୋ' ମା' ବାପାଙ୍କୁ ନେଇ ଅସଭ୍ୟ ବୋଲି କହିଛନ୍ତି ମତେ ଏବଂ ସଙ୍ଗେ ସଙ୍ଗେ ଗ୍ରୁପ୍‌ରୁ ଲେଫ୍ଟ ନେଇ ଯାଇଛନ୍ତି । ଜଣେ ଶିକ୍ଷକ ହୋଇ ଏଭଳି ମନ୍ତବ୍ୟ ଓ କାହାର ମା'-ବାପାଙ୍କୁ ନେଇ କହିବା କେତେ ଠିକ୍ ବୁଦ୍ଧିଜୀବୀ କୁହନ୍ତୁ । ମୋ' ଉତ୍ତରକୁ ପ୍ରତୀକ୍ଷା ନ କରି ଗ୍ରୁପ୍‌ରେ ଏଭଳି ଲେଖି ବିଦାୟ ନେବା କେତେ ଶିକ୍ଷିତ ବ୍ୟକ୍ତିର ପରିଚୟ ବୁଦ୍ଧିଜୀବୀମାନେ କୁହନ୍ତୁ । ମୁଁ ମନ୍ତବ୍ୟ ଦେଇଛି , ମତେ କହିବେ ; ମୋ' ମାଆ ବାପା କ'ଣ କଲେ ? ମୋ' ମା'-ବାପା କ'ଣ ତାଙ୍କ ମାଆ-ବାପା ପରି ନୁହନ୍ତି କି ? ସେ ପୁଣି କହିଛନ୍ତି - 'ଯୋଉଦିନ ଏ ଅସଭ୍ୟ ଲୋକ ବର୍ଣ୍ଣବୋଧ ପଢ଼ି ଶିଖିବେ , ସେଇଦିନ ମୁଁ ଏଇ ଗ୍ରୁପ୍‌କୁ ଆସିବି । 'ବର୍ଣ୍ଣବୋଧ ଜ୍ଞାନ ଥିବା ଲୋକ ସେଇ ବର୍ଣ୍ଣବୋଧର ଅପମାନ କରିଛି କିପରି ? ନିଜେ ନିଜର ମାନପତ୍ର ଫକୀରମୋହନ ସେନାପତି ସମ୍ମାନ ଲେଖି ଅନୁଷ୍ଠାନର କର୍ମୀ ଥାଇ ବି ସମ୍ମାନ ପାଇଛି କେମିତି ? ସାହିତ୍ୟକୁ ଅର୍ଥ ଦେଇ କିଣୁଛି କେମିତି ?

ଜଣେ ଶିକ୍ଷକ ଏଭଳି କରିବା କେତେ ଯୁକ୍ତିଯୁକ୍ତ ବିଜ୍ଞ ମାନଙ୍କୁ ମୁଁ ଖେଦୋକ୍ତ ମାନସେ ବିନମ୍ର ପ୍ରାର୍ଥନା କରି ପଚ଼ାରୁଛି କୁହନ୍ତୁ । ଖାଲି ଉଦୟ ଭାନୁ ପରିବାର ନୁହନ୍ତି ; ଯିଏ ବି ଶୁଣୁଛି ଓ ଦେଖୁଛି ସେ ବି ବିଷାଦିତ । ଯେଉଁ ସାହିତ୍ୟ ଅନୁଷ୍ଠାନ ବା ସାହିତ୍ୟିକ ଏଭଳି ବ୍ୟକ୍ତିଙ୍କୁ ସମର୍ଥନ ଜଣାଇ ସମ୍ବର୍ଦ୍ଧିତ ଓ ସମ୍ମାନ ପ୍ରଦାନ କରୁଛନ୍ତି ସେମାନେ ଜାଣି ରଖିବା ଉଚିତ୍ ସାହିତ୍ୟର କେତେ ଉନ୍ନତି କରୁଛନ୍ତି । ଏ ମହାଶୟ ଶିକ୍ଷକ ; ଛାତ୍ର -ଛାତ୍ରୀଙ୍କୁ କି ଶିକ୍ଷା ଦେଉଥିବେ ନିଜ ଆଖିରେ ଦେଖୁଛନ୍ତି । ଖାଲି ଅନୁଚିନ୍ତା ଲେଖିଦେଲେ ହେବନି ; ତା'ର ପାଳନ ଦରକାର । କଥା ଗୋଟେ କାମ ଆଉଗୋଟେ ; ବହୁରୂପୀ ଏଣ୍ଡୁଅ ପରି ରଙ୍ଗ ବଦଳାଇଲେ ଜଣେ ମାନ୍ୟ ହୋଇ ପାରିବ ଏକଥା ଭୂଲ୍ । ଏଭଳି ଜଣେ ହୀନମନ୍ୟତା ବ୍ୟକ୍ତି ବିଶେଷ ଜଣେ ସୁସାହିତ୍ୟିକ କେମିତି ହୋଇ ପାରିବ ? ଯାହାର ସହନଶୀଳତା ନାହିଁ ସେ ସାହିତ୍ୟିକ 'ସୁ' ନା 'କୁ' ବୁଦ୍ଧିଜୀବୀ କହିବେ । ଏଭଳି ବ୍ୟକ୍ତିକୁ ଅର୍ଥ ଲୋଭରେ ହେଉ କି ଯାହା ବି ଯେମିତି ହେଉ , ସମ୍ମାନ ଦେବା ପୂର୍ବରୁ କି ସମ୍ବର୍ଦ୍ଧନା ଦେବା ପୂର୍ବରୁ ପ୍ରତ୍ୟେକ ସାହିତ୍ୟନୁଷ୍ଠାନ ଶହେ ଥର ଚିନ୍ତା କରିବା ଉଚିତ୍ ବୋଲି ମୁଁ ମନେ କରେ । ଏହାର ବିଚ଼ାର ମୋ' ପରି ଜଣେ ମୁର୍ଖ ଅକିଞ୍ଚନ କରିପାରିବ କିପରି ? ବିନମ୍ର ପ୍ରାର୍ଥନା ମୋର ପ୍ରତ୍ୟେକ ସାହିତ୍ୟନୁଷ୍ଠାନ ଏବଂ ବୁଦ୍ଧିଜୀବୀ ମାନଙ୍କୁ ; ନିଶ୍ଚିତ ଏହାର ଏକ ଉପାୟ ବାହାର କରିବେ ଉପଯୁକ୍ତ ବିଚ଼ାରଧାରାରେ । ଏଭଳି ଲୋକଙ୍କ ପାଇଁ ପ୍ରକୃତ ସାହିତ୍ୟିକ ସମ୍ମାନରୁ ଯେପରି ବଞ୍ଚିତ ନ ହୁଅନ୍ତି , ସେ ପ୍ରତି ଧ୍ୟାନ ଦେବାକୁ ବିନମ୍ର ପ୍ରାର୍ଥନା । ଆଶା , ମୋ' ପରି ଜଣେ ଅଜ୍ଞାନର ଅନୁରୋଧକୁ ଆପଣ ମାନେ ନିଶ୍ଚିତ ରୂପେ ସାକାର କରିବେ ଉପଯୁକ୍ତ ବିଚ଼ାର ବିମର୍ଷ ସହିତ । ଭାଷା ସାହିତ୍ୟକୁ ଭଲ ପାଉଥିବା ମଣିଷଟେ ବୁଦ୍ଧିଜୀବୀ ମାନଙ୍କୁ ପ୍ରାର୍ଥନା ବାଢ଼ି ଉତ୍ତରର ପ୍ରତୀକ୍ଷଓରେ ।

(ସମାପ୍ତ)

+ସମ୍ପାଦକ - ଉଦୟ ଭାନୁ
(ସାହିତ୍ୟ ଓ ସମାଜସେବା ସଙ୍ଗଠନ)

## ଲାଲ ମହୁର ବ୍ୟବସାୟ




ମହୁ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଭାରତୀୟ ବଇଦମାନେ କାହିଁକେଉଁ କାଳରୁ ନିୟମିତ ମହୁ ଖାଇବା ସ୍ୱାସ୍ଥ୍ୟ ପାଇଁ ଏକ ଉତ୍ତମ ଔଷଧ ବୋଲି ପରାମର୍ଶ ଦେଇଛନ୍ତି । ତେବେ ମହୁ ସମ୍ପର୍କରେ ସମସ୍ତେ ଜାଣିଥିବା ବେଳେ ଲାଲ ମହୁ ସମ୍ପର୍କରେ କମ ଲୋକେ ଜାଣିଛନ୍ତି । ହିମାଳୟନ୍ କ୍ଲିଫ୍ ବିଶେଷ ପ୍ରଜାତିର ମହୁମାଛି ହିଁ ଏହି ଲାଲ ମହୁକୁ ସଂଗ୍ରହ କରିଥାନ୍ତି । ବିଶେଷଜ୍ଞଙ୍କ ମତରେ ବିଭିନ୍ନ ପ୍ରକାର ବିଷାକ୍ତ ଫୁଲରୁ ଏହି ମହୁକୁ ମହୁମାଛିମାନେ ସଂଗ୍ରହ କରନ୍ତି । ନିଶା ବୃଦ୍ଧି କରୁଥିବାଏହି ଲାଲ ମହୁ ମଧୁମେହ, ଉଚ୍ଚ ରକ୍ତଚାପ ପରି ରୋଗ ନିମନ୍ତେ ଅବ୍ୟର୍ଥ ଔଷଧ ଅଟେ । ନେପାଳର ଏକ ଦୁର୍ଗମ ସ୍ଥାନରେ ହିଁ ଏହି ପ୍ରଜାତିର ମହୁମାଛି ଦେଖାଯାନ୍ତି । ସେଠାକାର ଗୁରୁଙ୍ଗ ଆଦିବାସୀ ସମ୍ପ୍ରଦାୟର ଲୋକେ ଜୀବନକୁ ବିପଦରେ ପକାଇ ଏହି ମହୁ ସଂଗ୍ରହ କରିଥାନ୍ତି । ପ୍ରତିବର୍ଷ ଏଠାରୁ ପ୍ରାୟ ୨୦ରୁ ୩୦ ଗ୍ୟାଲେନ ମହୁ ସଂଗ୍ରହ କରାଯାଏ । ଦେଶବିଦେଶରେ ତାହା ବହୁ ମୂଲ୍ୟରେ ବିକ୍ରି ହୁଏ ବୋଲି ଜଣାପଡ଼ିଛି ।



## ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ଏସବୁ କଥା ପ୍ରତି ନିହାତି ଦୃଷ୍ଟି ଦିଅନ୍ତୁ

*ପ୍ରତ୍ୟେକ ମହିଳାଙ୍କ ବ୍ୟାଗ୍‌ର ମେକ୍‌ଅପ୍ କିଟ୍ ଥାଉ କି ନଥାଉ, ଲିପ୍‌ଷ୍ଟିକ୍ ନିଶ୍ଚିତ ଥାଏ । ଲିପ୍‌ଷ୍ଟିକ୍ ଲଗାଇବା ଦ୍ୱାରା ଯୁବତୀ ହୁଅନ୍ତୁ କି ମହିଳା ସମସ୍ତେ ଅଧିକ ସୁନ୍ଦର ଦେଖା ଯାଆନ୍ତି । ସେଥିପାଇଁ ସେମାନେ ନିଜ ମେକ୍‌ଅପ୍ କିଟ୍‌ରେ ଲିପ୍‌ଷ୍ଟିକ୍‌କୁ ଅଧିକ ପ୍ରାଧାନ୍ୟ ଦେଇଥା'ନ୍ତି । ତେବେ ଏହାକୁ ଯଦି ଠିକ୍ ଭାବରେ ଓଠରେ ଲଗା ନଯାଏ, ତା'ହେଲେ ଏହା ସୌନ୍ଦର୍ଯ୍ୟକୁ ନଷ୍ଟ କରି ଦେଇଥାଏ । ତେଣୁ ଆସନ୍ତୁ ଜାଣିବା, ଲିପ୍‌ଷ୍ଟିକ୍ ଲଗାଇବା ସମୟରେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ ।*



➡ ଆପଣଙ୍କ ଓଠ ଫାଟିଛି କି ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ପ୍ରଥମେ ଏକଥାଟି ପ୍ରତି ଧ୍ୟାନ ଦେବେ । କାରଣ ଫଟା ଓଠରେ ଲିପ୍‌ଷ୍ଟିକ୍ ଲଗାଇଲେ, ତାହା ଜମାରୁ ସୁନ୍ଦର ଦେଖାଯାଏ ନାହିଁ । ତେଣୁ ଓଠ ଫାଟିଥିଲେ ପ୍ରଥମେ ଏଥିରେ ଲିପ୍‌ବାମ୍ କିମ୍ବା ଗ୍ଲିସେରିନ୍ ଲଗାନ୍ତୁ । ତା'ପରେ ଲିପ୍‌ଷ୍ଟିକ୍ ଲଗାନ୍ତୁ ।

➡ ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ଲିପ୍ ଲାଇନର ନିଶ୍ଚୟ ଲଗାନ୍ତୁ । ଏପରି କରିବା ଦ୍ୱାରା ଓଠକୁ ଏକ ନିର୍ଦ୍ଦିଷ୍ଟ ଆକାର ମିଳିଥାଏ ଏବଂ ଏହା ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ।

➡ ଆପଣଙ୍କ ମୁହଁକୁ ମ୍ୟାଚ୍ କରିବା ଭଳି ଲିପ୍‌ଷ୍ଟିକ୍ ବ୍ୟବହାର କରନ୍ତୁ । ଯେବେ ବି ଲିପ୍‌ଷ୍ଟିକ୍ ଲଗାଉଛନ୍ତି, ଦୁଇରୁ ତିନୋଟି କୋଟ୍ ଲଗାନ୍ତୁ ।

➡ ଗୋଟିଏ କୋଟ୍ ଲିପ୍‌ଷ୍ଟିକ୍ ଲଗାଇବା ପରେ ଏହା ଉପରେ ସାମାନ୍ୟ ପାଉଡ଼ର ଲଗାଇ ଦିଅନ୍ତୁ । ତା'ପରେ ପୁଣି ଗୋଟିଏ କିମ୍ବା ଦୁଇଟି କୋଟ୍ ଲଗାନ୍ତୁ । ଏପରି କରିବା ଦ୍ୱାରା ଲିପ୍‌ଷ୍ଟିକ୍ ଅଧିକ ସମୟ ଧରି ଓଠରେ ରହିବ ।

## ଝିଅଙ୍କୁ ଗଣିତ ଚିନ୍ତା ଅଧିକ !



ପୁଅଙ୍କ ତୁଳନାରେ ଝିଅଙ୍କୁ ଅଧିକ ମାତ୍ରାରେ ଗଣିତ ଚିନ୍ତା ଘାରିଥାଏ । ଏକ୍ଷେତ୍ରରେ ଅଜାଣତରେ ପିତାମାତା ଏବଂ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଯୋଗଦାନ ରହିଥାଏ । ଗଣିତକୁ ଏମିତିରେ ଅଧିକାଂଶ ଲୋକ ଏକ କଠିନ ବିଷୟ ବୋଲି ଧରିନେଇଥାନ୍ତି । ଯେଉଁଥିରେ ସମସ୍ୟାର ସମାଧାନ କରିବାକୁ ଯାଇ ଅନେକଙ୍କ ବୁଦ୍ଧିଘର ହଜିଯାଏ । କିଛି ପିଲା ଓ ବୟସ୍କଙ୍କୁ ଗଣିତକୁ ନେଇ ଚିନ୍ତା, ଭୟ, ଅବସାଦ ଏବଂ ଅସହଜ ଅନୁଭବ ହୋଇଥାଏ । ବ୍ରିଟେନର କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଗଣିତ ଉପରେ ଚିନ୍ତାର ପ୍ରକୃତି ଏବଂ ତା'ର ସମାଧାନକୁ ନେଇ ଏକ ଗବେଷଣା କରିଥିଲେ । ଗବେକେମାନେ ୧୦୦୦ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଗବେଷରା କରିଥିଲେ । ନିଷ୍କର୍ଷରୁ ଜଣାପଡ଼ିଲା, ମାଧ୍ୟମିକ ଏବଂ ପ୍ରାଥମିକ ସ୍କୁଲରେ ଛାତ୍ରୀଙ୍କ ମଧ୍ୟରେ ଗଣିତକୁ ନେଇ ଚିନ୍ତା ଅଧିକ ଥିଲା । କିନ୍ତୁ ଛାତ୍ରମାନଙ୍କର ସେ ଦିଗରେ ଆଦୌ ଚିନ୍ତା ନଥିଲା । ଅଧିକାଂଶ ଛାତ୍ରୀ ନିଜର ଗଣିତ ଚିନ୍ତାର କାରଣ ମଧ୍ୟ ବିଭିନ୍ନ ପ୍ରକାରର ପ୍ରକାଶ କରିଥିଲେ । ସେମାନଙ୍କ ମତରେ, ସ୍କୁଲରେ ଶିକ୍ଷକ/ ଶିକ୍ଷୟିତ୍ରୀ ଯେଉଁ ଉଦାହରଣ ସହ ଗଣିତ ସମାଧାନ କରନ୍ତି, ତାହା ସେମାନଙ୍କର ବୁଝିବା ବାହାରେ ଥାଏ । ସେମାନେ ଏହାଦ୍ୱାରା ଭ୍ରମିତ ହୋଇଥାନ୍ତି । ପିତାମାତା ମଧ୍ୟ ଠିକ୍ ସେହି କାମ କରିଥାନ୍ତି । ଗବେଷକଙ୍କ ମତରେ, ଏ କ୍ଷେତ୍ରରେ ଶିକ୍ଷକ ଏବଂ ଅଭିଭାବକଙ୍କୁ ସଚେତନ ହେବା ଜରୁରୀ । ଗଣିତ ଚିନ୍ତା ସେମାନଙ୍କ ପିଲା ଏବଂ ଛାତ୍ରୀଙ୍କୁ ଚିନ୍ତିତ କରିବା ପୂର୍ବରୁ କୌଶଳକ୍ରମେ ତାହାକୁ ସମାଧାନ କରିବା ଉଚିତ୍ ।

## ବାସ୍ତୁଶାସ୍ତ୍ରର ନିୟମ

ଘରର ସୁଖ ସମୃଦ୍ଧି ତଥା ପରିବାର ସଦସ୍ୟଙ୍କ ଆପୋଷ ବୁଝାମଣା ନିମନ୍ତେ ମୁରବିମାନେ ଅପେକ୍ଷାକୃତ ଅଧିକ ସଚେତନ । ଯେ କୌଣସି ପରିସ୍ଥିତିରେ ମଧ କଳିଝଗଡ଼ା ଅବା ଅଶାନ୍ତି ନ ଉପୁଜୁ, ଏଥି ନିମନ୍ତେ ବର୍ତ୍ତମାନ ପରିସ୍ଥିତିରେ ଲୋକେ ବାସ୍ତୁଶାସ୍ତ୍ରର ନିୟମକୁ ସାଦରେ ଗ୍ରହଣ କରୁଛନ୍ତି ।


ବାସ୍ତୁବିତ୍‌ଙ୍କ ମତରେ ଘର ତିଆରି ସମୟରେ ଦକ୍ଷିଣ ଓ ପଶ୍ଚିମ ପାଖର କାନ୍ଥ ଓ ପାଚେରି ପୂର୍ବ ଓ ଉତ୍ତର ପାଖଠାରୁ ଅଧିକ ମୋଟା ଓ ଉଚ୍ଚ ହେବା ଦରକାର । ଏହା ପରିବାର ସଦସ୍ୟଙ୍କ ନିମନ୍ତେ ସୌଭାଗ୍ୟ ଆଣିଥାଏ ।

ଫ୍ଲାଟ କିମ୍ବା ଘର କିଣୁଥିଲାବେଳେ ଦୃଷ୍ଟିରେ ରଖିବେ ଯେ ଯେପରି ରାସ୍ତା ତୁଳନାରେ ଆର୍ଥିକ ଅସୁବିଧା ସହ ଘରେ ନିୟମିତ କଳିଝଗଡ଼ା ଉପୁଜିଥାଏ ।

ବିପଦ ଟାଳିବାକୁ ଚାହୁଁଥିଲେ, ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଚାରାରୋପଣ କରନ୍ତୁ । ବୃକ୍ଷ ଘରେ ସ୍ଥିରତା ଆଣିବା ସହ ଦୁର୍ଭାଗ୍ୟ ଟାଳିଥାଏ ବୋଲି ବାସ୍ତୁବିତଙ୍କ ମତ ।

ଘରର ମୁଖ୍ୟ ଦୁଆରକୁ ସବୁବେଳେ ପରିଷ୍କାର ପରିଚ୍ଛିନ୍ନ ରଖିବା ଜରୁରୀ । ଏହା ନକରାତ୍ମକ ଶକ୍ତି ଦୂର କରିଥାଏ ।

## ପକେଟ୍‌ରେ ଲ୍ୟାପ୍‌ଟପ୍



ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ଏବେ ସବୁ କ୍ଷେତ୍ରରେ ଆକାର କମୁଛି ଏବଂ ଗୁଣବତ୍ତା ବଢ଼ିଚାଲିଛି । ଲ୍ୟାପଟପ୍ ବି ଏଥିରୁ ବାଦ ପଡ଼ିନାହିଁ । ଏପରି ଏକ ଲ୍ୟାପଟପ୍ ଏବଂ ପ୍ରୋଜେକ୍ଟର ପ୍ରସ୍ତୁତ କରାଯାଇଛି ଯାହା ପକେଟରେ ଆରାମରେ ରହିପାରିବ । ମାଷ୍ଟରକି ୪.୦ ବିଶ୍ୱର ପ୍ରଥମ ଇନଷ୍ଟାଣ୍ଟ ଲ୍ୟାପଟପ୍ ଏବଂ ପୋର୍ଟେବଲ ପ୍ରୋଜେକ୍ଟର ଭାବେ ବଜାରକୁ ଆସିବାକୁ ପ୍ରସ୍ତୁତ । ଦେଖିବାକୁ ଆଇଫୋନ୍ ଭଳି । କେବଳ ଏକ ବଟନ ଦବାଇଲେ ବ୍ୟବହାରକାରୀ ଗୋଟିଏ ଲେଜର କି'ବୋର୍ଡ ପାଇବେ ଏବଂ କାନ୍ଥ ହେଉ ବା ପରଦା ସେଠାରେ କମ୍ପ୍ୟୁଟରର ପରଦା ପ୍ରରଦା ପ୍ରତିଫଳିତ ହୋଇ ସେ କରୁଥିବା କାମ ଦେଖାଇବ । ଲେଜର ଡାୟୋଡ କ୍ରେଟି କି'ବୋର୍ଡଟି ୨୪୫+ ୧୧୦ ମି.ମି କ୍ଷେତ୍ରରେ କାର୍ଯ୍ୟ କରିଥାଏ । ଏହାର ଆଇଆର କ୍ୟାମେରା ମିନିଟ୍ ପ୍ରତି ୩୫୦ଟି କ୍ୟାରେକ୍ଟର ଦେଖାଇପାରେ । ବିନା ତାରରେ ଏହି ଲ୍ୟାପଟପ୍ ସ୍ମାର୍ଟଫୋନ୍ ସହ ସଂଯୋଗ କରାଯାଇପାରିବ । ଏଥିରେ ୫୨୦୦ ଏମଏଏଚ ବ୍ୟାଟେରି ଏକ ମାଇକ୍ରୋଏସଡି ସ୍ଲଟ୍ ଏବଂ ସଂଯୁକ୍ତ ଥିବା ସ୍ପିକର ରହିଛି ।

## କୃଷକଙ୍କ ପାଇଁ ଆସିଲା ଆଗ୍ରୋ ଡ୍ରୋନ୍



ଫସଲରେ କୀଟନାଶକର ସ୍ପ୍ରେ ଦ୍ୱାରା ସାଧାରଣ ଭାବେ ଗ୍ରାଉଣ୍ଡ ବେସଡ ୱାର୍କର୍ସଙ୍କ ଉପଯୋଗ ହୋଇଥାଏ । ଯାହା ୨୦ କିଲୋଗ୍ରାମ ଓଜନର ବ୍ୟାଗକୁ ଉଠାଇ ଧୀରେ ଧୀରେ ସ୍ପ୍ରେ କରନ୍ତି । ଏମିତିରେ ଯଦି ଭୂମି ଆବଡ଼ା ଖାବଡ଼ା ଥାଏ, ତା ହେଲେ ସମୟ ଅଧିକ ଅପଚୟ ହୋଇଥାଏ । ଏହା ଉପରେ ଧ୍ୟାନ ଦେଇ ନେକ୍ସଟ୍ ଜେନେରେସନ୍ ଆଗ୍ରୋ ତିଆରି କରିଛି । ଏହାକୁ ଥରେ ଚାର୍ଗ କଲେ ୨ ଏକର ଜମିରେ କୀଟନାଶକ ସ୍ପ୍ରେ କରିପାରିବ । କାର୍ଲିଫର୍ଣ୍ଣିଆର ଏକ ସହର ସାନ ମାଟ୍ରୋର ଆଗ୍ରିକଲଚର ଡ୍ରୋନ ନିର୍ମାତା କମ୍ପାନୀ ଏୟାର ବୋର୍ଡ ଦ୍ୱାରା ଏହି ଡ୍ରୋନ ତିଆରି କରାଯାଇଛି । କମ୍ପାନୀ କହିଛି, ଏହାକୁ ତିଆରିକ କରିବାକୁ ଆଧୁନିକ କୌଶଳର ଉପଯୋଗ କରାଯାଇଛି । ଏଥିରେ ଲାଗିଥିବା ବ୍ୟାଟେରୀକୁ ନିର୍ମାତା ନିଜେ ତିଆରି କରିଛନ୍ତି । ଥରେ ଚାର୍ଜ ହେଲେ ତାହା ୧୫ ମିନିଟ୍ ପର୍ଯ୍ୟନ୍ତ ଉଡ଼ାଣରେ ସାହାଯ୍ୟ କରିବ । ଏହାଦ୍ୱାରା ପ୍ରାୟ ୨ ଏକର ଜମିକୁ ସହଜରେ କୀଟନାଶକ ସ୍ପ୍ରେ କରିପାରିବେ । ଆଗ୍ରୋ ଡ୍ରୋନର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏହା ଅନ୍ୟ ଡ୍ରୋନ୍‌ର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏହା ଅନ୍ୟ ଡ୍ରୋନ୍ ପରିବର୍ତ୍ତେ ଅଧିକ କୀଟନାଶକ ବୋହିବାରେ ସକ୍ଷମ । ଯେଉଁଠି ଅନ୍ୟ ସାଧାରଣ ଡ୍ରୋନ୍ ୧୦ରୁ ୧୫ଲିଟର କୀଟନାଶକ ଉଠାଇଥାନ୍ତି ସେଠାରେ ଆଗ୍ରୋ ଡ୍ରୋନ୍ ୬୦ ଲିଟର କୀଟନାଶକ ଉଠାଇବାର କ୍ଷମତା ବହନ କରିଛି । ଏହି ଡ୍ରୋନରେ ନୂଆ ଡାଉନୱାର୍ଡ ଫେସିଙ୍ଗ ରାଡାର ଟେକନିକ୍ ସାମିଲ କରାଯାଇଛି । ଯାହା ସହଜରେ ଫସଲରେ ଥିବା ଛୋଟ ଷଛାଟ ଚାରାକୁ ବି ଖୋଜିପାରିବ । ଡ୍ରୋନକୁ ଉଡ଼ାଇବା ଦ୍ୱାରା ପରିବେଶ ପ୍ରତି କୌଣସି ପ୍ରକାରର ନକରାତ୍ମକ ପ୍ରଭାବ ଉତ୍ପନ୍ନ ହେବ ନାହିଁ ବୋଲି କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଚଳିତବର୍ଷରୁ ଏହାକୁ ଚାଷଜମିରେ ଉପଯୋଗ କରାଯିବ ବୋଲି କୁହାଯାଇଛି ।

## ଓଜନ କମ୍ କରେ ହେଙ୍ଗୁ ପାଣି

ଖାଦ୍ୟକୁ ସୁସ୍ୱାଦୁ ଓ ସୁଗନ୍ଧ ଯୁକ୍ତ କରିବା ପାଇଁ ଅନେକେ ହେଙ୍ଗୁ ବ୍ୟବହାର କରନ୍ତି । ହେଲେ ଆପଣ ଜାଣିଛନ୍ତି କି, ହେଙ୍ଗୁରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ଚିମୁଟାଏ ହେଙ୍ଗୁରେ ପାଣି ମିଶାଇ ପିଇଲେ ସ୍ୱାସ୍ଥ୍ୟକୁ ଫାଇଦା ମିଳିଥାଏ । ତା'ହେଲେ ଆସନ୍ତୁ ଜାଣିବା ହେଙ୍ଗୁ ପାଣି ପିଇଲେ କ'ଣସବୁ ସ୍ୱାସ୍ଥ୍ୟ ଲାଭ ମିଳିଥାଏ ।

♦ ହେଙ୍ଗୁ ଖାଇଲେ ପାଚନ କ୍ରିୟା ଠିକ୍ ରଖିଥାଏ ଏବଂ ପେଟର ପିଏଚ୍ ସ୍ତର ନିୟନ୍ତ୍ରିତ ରହିଥାଏ । ଏପରିକି ଶରୀରରେ ଥିବା ହାନିକାରକ ଟକ୍ସିନକୁ ହେଙ୍ଗୁ ଶରୀରରୁ ବାହାର କରିଥାଏ ।

♦ ହେଙ୍ଗୁ ପାଣି ମେଟାବୋଲିଜିମ୍‌କୁ ବଢ଼ାଇବା ପାଇଁ ସାହାଯ୍ୟ କରିଥାଏ । ଶରୀରରେ ମେଟାବୋଲିଜିମ୍ ?ର ସ୍ତର ବୃଦ୍ଧି ହେଲେ ଓଜନ ହ୍ରାସ ହୋଇଥାଏ ।

♦ କେବଳ ଏତିକି ନୁହେଁ, ହେଙ୍ଗୁ ପାଣି ଆପଣଙ୍କ ଶରୀରରେ ଖରାପ କୋଲେଷ୍ଟ୍ରଲକୁ କମ୍ କରିଥାଏ, ଯେଉଁଥିପାଇଁ ଆପଣଙ୍କ ହାର୍ଟ ସୁସ୍ଥ ରହିଥାଏ ।ପେଟରେ ପିଇଲେ ସୁଫଳ ମିଳିଥାଏ ।

# ଆନ୍ତଃରାଜ୍ୟ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଖୁଆଡ ଏକାଦଶ ଚମ୍ପିଆନ୍



ଜଳେଶ୍ୱର ,୨।୩ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟିର ପଦୁଘଣ୍ଟା ଜେଲରୋଡ ନିକଟରେ ସବୁବର୍ଷପରି ସୁବର୍ଣ୍ଣରେଖା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏକ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ରାତ୍ରୀରେ ଉଦ୍‌ଯାପନ ହୋଇଛି । ଓଡିଶାର ମୋରଡା ଏକାଦଶ, ବାଲେଶ୍ୱର ଏକାଦଶ, ଜଳେଶ୍ୱରର ପିଙ୍କୁ ଏକାଦଶ, କେଶପୁରା ଏକାଦଶ, ଖୁଆଡ ଏକାଦଶ ଓ ପଶ୍ଚିମବଂଗର ଦାନ୍ତୁନ ଏକାଦଶ, ଏଗ୍ରା କ୍ରିକେଟ ଟିମ୍, ଖଡଗ କ୍ରିକେଟ୍ ଟିମ୍ ଏଥିରେ ଭାଗ ନେଇଥିଲେ । ସେମିଫାଇନାଲ ମ୍ୟାଚ୍‌ରେ ଖୁଆଡ ଏକାଦଶ ପିଙ୍କୁ ଏକାଦଶକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା । ସେହିପରି ୨ୟ ସେମିଫାଇନାଲ ମ୍ୟାଚ୍‌ରେ ମୋରଡା ଏକାଦଶ କୁ ଦାନ୍ତୁନ ଏକାଦଶ ପରାସ୍ତ କରି ଫାଇନାଲ ରେ ପ୍ରବେଶ କରିଥିଲା । ଏହି ଟୁର୍ଣ୍ଣମେଣ୍ଟରେ ଖୁଆଡ ଏକାଦଶ ଚମ୍ପିଆନ ହୋଇ ନଗଦ ୩୩,୫୦୦ ଟଙ୍କା, ଟ୍ରଫି ଓ ରନର୍ସ ଦାନ୍ତୁନ ଦାଳକୁ ୨୨୫୦୦ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଉଦ୍‌ଘାଟନୀ ଉତ୍ସବରେ ଯୁବନେତା ରାଜଶ୍ରୀ ମହାନ୍ତି ଖେଳକୁ ଉଦ୍‌ଘାଟନ କରିଥିବା ବେଳେ ଶିର୍ଦ୍ଧାଥ ଶଂକର ପାଳ, ହେମନ୍ତ ଦାସ, ସେକ୍ ସାଜନ ପ୍ରମୁଖ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅଶ୍ୱିନୀ ପାତ୍ର ଯୋଗ ଦେଇ ଖେଳ ଶରୀରକୁ ସୁସ୍ଥ ସବଳ ରଖିବା ସହିତ ବଂଧୁତ୍ୱ ଓ ସୁ-ସମ୍ପର୍କ ସୃଷ୍ଟି କରିଥାଏ ବୋଲି କହିଥିଲେ । କ୍ଲବର ସମସ୍ତ ସଭ୍ୟ ପରିଚାଳନା କରିଥିଲେ । ଅମିତ୍ ପାତ୍ର ଓ ଜେକ ବଂସଲ ଅମ୍ପେୟାର ଭାବେ ଯୋଗ ଦେଇଥିଲେ । କ୍ଲବର ସଭାପତି ଚିତ୍ତରଂଜନ ମହାନ୍ତି, ସଂପାଦକ ଫାଲଗୁନୀ ପାଣିଗ୍ରାହୀ, ଉପସ୍ଥିତ ରହି ସଭାପତିତ୍ୱ ଓ ସୂଚନା ପ୍ରଦାନ କରିଥିଲେ ।

## ଚୋରା ବାଲି ବୋଝେଇ ଟିପ୍ପର ଜବତ : ଡ୍ରାଇଭର ଗିରଫ

କୋରେଇ,୨।୩ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ପୁଲିସ ପେଟ୍ରୋଲିଂ ସମୟରେ ଏକ ଚୋରା ବାଲି ବୋଝେଇ ଟିପ୍ପର ଧରିବାରେ ସକ୍ଷମ ହୋଇଛି । ପାଣିକୋଇଲି ପୁଲିସ କରଦା ରାଣିଗୋଡା ଛକରେ ପେଟ୍ରୋଲିଙ୍ଗ ସମୟରେ ବୈତରଣୀରୋଡ ସଠିପୁର ରାସ୍ତାରେ ଆସୁଥିବା ଏକ ବାଲି ବୋଝେଇ ଟିପ୍ପର ନଂ (ଓଆର ୦୯ଜେ ୫୦୫୪)କୁ ଯାଂଚ୍ କରିଥିଲେ । ଯାଂଚ୍ ସମୟରେ ବାଲି ଗାଡିଟି ବାଲିର କୌଣସି କାଗଜ ପତ୍ର ଦେଖାଇ ନପାରିବାରୁ ତାକୁ ଥାନାକୁ ଅଣାଯାଇଥିଲା । ଏନେଇ ଏକ ମାମଲା ୭୫/୨୧ ରେ ରୁଜୁ କରାଯିବା ସହ ଡ୍ରାଇଭର ଭଦ୍ରକ ଜିଲ୍ଲା ଭଣ୍ଡାରୀ ପୋଖରୀ ଥାନା ଅନ୍ତର୍ଗତ ବାଇନ ଗ୍ରାମର ଗଣେଷ ବେହେରାଙ୍କ ପୁଅକୁ ଗିରଫ କରାଯାଇଛି ।

## ଯୁବକଙ୍କୁ ପିଟି ପିଟି ହତ୍ୟା ଅଭିଯୋଗ

ଗଞ୍ଜାମ,୨।୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ ହୁମ୍ମା କେଉଟସାହିରେ ଜଣେ ଯୁବକଙ୍କୁ ଅତ୍ୟନ୍ତ ନିର୍ଦ୍ଦୟ ଭାବେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକ ଜଣକ ହେଲେ ହୁମ୍ମା ବଡ଼ସାହି ଗ୍ରାମର ଦଣ୍ଡପାଣି ବିଶ୍ୱାଳ । ଦଣ୍ଡପାଣି ଗତକାଲି ରାତିରେ ଶୌଚ ହେବାକୁ ଆଉ ଘରକୁ ଯାଇ ଫେରିନଥିଲେ । ଆଜି ସକାଳେ ତାଙ୍କ ମୃତଦେହ କେଉଟ ସାହି ନିକଟରେ ପଡିଥିବା ଏବଂ ମୃତଦେହ ନିକଟରେ ଭଙ୍ଗା ଇଟା, କାଠ ଫାଳିଆ ପଡିଥିବା ଦେଖିବାକୁ ମିଳିଥିଲା । ଖବର ପାଇ ହୁମ୍ମା ଫାଣ୍ଡି ଅଧିକାରୀ ଓ ରମ୍ଭା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ପଠାଇଛନ୍ତି । ପୋଲିସ ପକ୍ଷରୁ ଏନେଇ ଛାନଭିନ୍ ଜାରୀ ରହିଛି । ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଠାକୁର ପ୍ରସାଦ ପାତ୍ର ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

## ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତି ତରଫରୁ ସମସ୍ତ ଓଡିଶାବାସୀଙ୍କୁ ଧନ୍ୟବାଦ ଜ୍ଞାପନ

ଭୁବନେଶ୍ୱର,୨।୩ (ନି.ପ୍ର): ସୁଦୀର୍ଘ ୫୦୦ ବର୍ଷର ସଂଘର୍ଷମୟ କାଳଖଣ୍ଡର ଅବସାନ ଘଟାଇ ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କର ଆଦେଶକ୍ରମେ ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାରେ ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ଶ୍ରୀରାମଙ୍କର ଭବ୍ୟ ମନ୍ଦିର ନିର୍ମାଣ ପାଇଁ ପଥ ପରିଷ୍କାର ହୋଇଗଲା । ସବୁଆଡେ ଆନନ୍ଦର ଲହରୀ ଖେଳିଗଲା । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଦେଶ କ୍ରମେ ଭାରତ ସରକାରଙ୍କ ଦ୍ୱାରା ମନ୍ଦିର ନିର୍ମାଣ ଓ ପରିଚାଳନା ପାଇଁ 'ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର'ନାମକ ଏକ ନ୍ୟାସ(ଟ୍ରଷ୍ଟ) ମଧ ଗଠିତ ହେଲା । ପୂଜ୍ୟ ସାଧୁସନ୍ଥମାନଙ୍କର ପରାମର୍ଶ କ୍ରମେ ସମଗ୍ର ଭାରତ ବର୍ଷର ପୁରପଲ୍ଲୀରୁ ପ୍ରତ୍ୟେକ ରାମଭକ୍ତଙ୍କ ଠାରୁ ଅର୍ଥ ସଂଗ୍ରହ କରି ମନ୍ଦିର ନିର୍ମାଣର ଯୋଜନା ନ୍ୟାସ ଦ୍ୱାରା ପ୍ରସ୍ତୁତ ହେଲା । ଫଳତଃ ସମଗ୍ର ଭାରତ ବର୍ଷରେ ଜାନୁଆରୀ ୧୪ ତାରିଖରୁ ଫେବୃଆରୀ ୨୭ ତାରିଖ ପର୍ଯ୍ୟନ୍ତ ଏହି ଅର୍ଥ ସଂଗ୍ରହର ଯୋଜନା କାର୍ଯ୍ୟକାରୀ ହେଲା । ୨୦୨୧ ଫେବୃଆରୀ ୨୭ ତାରିଖ ମାଘପୂର୍ଣ୍ଣିମା ଦିନ ଏହି ଅଭିଯାନ ସମାପ୍ତ ହୋଇଛି । ଓଡିଶାର ଜନସାଧାରଣ ମଧ ଏ ଯୋଜନାରେ ପୂର୍ଣ୍ଣ ରୂପେ ଯୋଗଦାନ କରି ମନ୍ଦିର ନର୍ମାଣ ପାଇଁ ଆର୍ଥିକ ସହଯୋଗ ମାଧ୍ୟମରେ ନିଜର ଭକ୍ତିନୈବେଦ୍ୟ ସମର୍ପଣ କରିଛନ୍ତି । ଓଡିଶା ବାସୀଙ୍କର ଏହି ଅକୁଣ୍ଠ ସହଯୋଗ ପାଇଁ ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତି ଓଡିଶା ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଉଛି ବୋଲି ସମିତିର ଅଧକ୍ଷ ଡ.ପ୍ରଫୁଲ୍ଲ କୁମାର ମିଶ୍ର ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

## ଟିକା ପାଇଁ ଅଫ୍ ଲାଇନ୍‌ରେ ପଂଜୀକରଣ କରିପାରିବେ ବୟସ୍କ

ଭୁବନେଶ୍ୱର,୨।୩ (ନି.ପ୍ର): କୋଭିଡ୍ ଟୀକାକରଣ ପାଇଁ ଅଫଲାଇନ୍ ରେ ପଂଜୀକରଣ କରିପାରିବେ ବୟସ୍କ। ଏନେଇ ସବୁ ଜିଲ୍ଲାପାଳ ଓ ସିଡିଏମଓ ମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର । ଏଥିସହ ବରିଷ୍ଠ ନାଗରିକ ଯେପରି ଅସୁବିଧା ନ ଭୋଗିବେ ସେଥିପ୍ରତି ଦୃଷ୍ଟି ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ସୋମବାର ଠାରୁ କୋଭିଡ୍ ଟିକାକରଣରେ ୬୦ ବର୍ଷରୁ ଅଧିକ ବୟସ୍କ ଏବଂ ଜଟିଳ କିମ୍ବା ଏକାଧିକ ରୋଗକ୍ରାନ୍ତ ୪୫ ବର୍ଷରୁ ଅଧିକ ବୟସ୍କଙ୍କୁ ଟିକା ଦିଆଯାଉଛି । ତେବେ ଅନଲାଇନ୍ ପଞ୍ଜୀକରଣ ବେଳେ କେତେକ ସ୍ଥାନରେ ସମସ୍ୟା ଦେଖାଦେଇଥିଲା । ରାଜଧାନୀ ଭୁବନେଶ୍ୱର ସହ ବିଭିନ୍ନ ଟିକାକରଣ କେନ୍ଦ୍ରରେ ୱେବସାଇଟରେ ଲିଙ୍କ୍ କାମ କରୁନଥିବା ଅଭିଯୋଗ ହୋଇଥିଲା । ଏଥିପାଇଁ ବରିଷ୍ଠ ନାଗରିକମାନଙ୍କୁ ବହୁତ ଅପେକ୍ଷା କରିବାକୁ ପଡୁଥିବା ଅଭିଯୋଗ ହୋଇଥିଲା । ସୂଚନାଯୋଗ୍ୟ ଯେ ଟିକା ନେବାପାଇଁ ପୁରୁଣା କୋୱିନ୍ ଆପ୍‌ର ଉନ୍ନତ ଭର୍ସନ୍ କୋୱିନ୍-ଟୁ ଆପ୍ ଡାଉନଲୋଡ୍ କରି କିମ୍ବା କୋୱିନ୍ ଡଟ୍ ଜିଓଭି ଡଟ୍ ଇନ୍ ୱେବସାଇଟ୍ କୁ ଯାଇ ବରିଷ୍ଠ ନାଗରିକ ଏବଂ ବହୁବିଧ ରୋଗାକ୍ରାନ୍ତ ୪୫ ବର୍ଷରୁ ଅଧିକ ବୟସ୍କ ନିଜ ନାଁ ପଞ୍ଜିକରଣ କରିପାରିବେ । ଆରୋଗ୍ୟ ସେତୁ ଆପ୍ ରୁ ମଧ କୋୱିନ୍ ପୋର୍ଟାଲକୁ ଯାଇହେବ । ଯିଏ ପଂଜୀକରଣ କରିନଥିବ, ସିଧାସଳଖ ଟିକାକରଣ କେନ୍ଦ୍ରରେ ଆବଶ୍ୟକ ପ୍ରମାଣପତ୍ର ଦେଖାଇ ଟିକା ନେଇ ପାରିବେ । ସରକାରୀ ହସ୍ପିଟାଲରେ ଏହି ଟିକା ମାଗଣାରେ ମିଳୁଥିବା ବେଳେ ଘରୋଇ ହସ୍ପିଟାଲରେ ପ୍ରତି ଡୋଜକୁ ୨୫୦ ଟଙ୍କା ଦେବାକୁ ପଡ଼ିବ ।

## ପଦ୍ମପୁର୍ ସର୍କଲର୍ ଏଆରସିଏସ, ଆର୍‌ଏମସି ସଂପାଦକ ନିଲମ୍ବିତ

ଭୁବନେଶ୍ୱର,୨।୩ (ନି.ପ୍ର): କାର୍ଯ୍ୟରେ ଗୁରୁତର ଅବହେଳା ଓ ବିଭାଗ ଦ୍ୱାରା ଜାରି କରାଯାଇଥିବା ଧାନସଂଗ୍ରହ ସଂପର୍କିତ ନିର୍ଦ୍ଦେଶାବଳୀର ଉଲ୍ଲଂଘନ ଅଭିଯୋଗରେ ବରଗଡ଼ ଜିଲ୍ଲାର ପଦ୍ମପୁର ସର୍କଲର ସହକାରୀ ରେଜିଷ୍ଟ୍ରାର, ସମବାୟ ସମିତି ସମୂହ ସଂଜୟ କୁମାର ତ୍ରିପାଠୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ସେହିପରି ସବ୍-ଆସିଷ୍ଟାଂଟ ରେଜିଷ୍ଟ୍ରାର କୋଅପରେଟିଭ୍ ସୋସାଇଟି (ଏସ୍‌ଏଆରସିଏସ) ତଥା ପଦ୍ମପୁର ନିୟନ୍ତ୍ରିତ ବଜାର କମିଟିର ସଂପାଦକ ଧର୍ମେନ୍ଦ୍ର ଭୋଇ ଏବଂ ଇନସ୍‌ପେକ୍ଟର କୋଅପରେଟିଭ୍ ସୋସାଇଟି ତଥା ନବରଙ୍ଗପୁର ନିୟନ୍ତ୍ରିତ ବଜାର କମିଟିର ସଂପାଦକ ଶଶାଙ୍କ ଶେଖର ସାହାଣୀଙ୍କୁ କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ସରକାରଙ୍କ ଦ୍ୱାରା କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ନିଲମ୍ବନ ଆଦେଶ ତୁରନ୍ତ କାର୍ଯ୍ୟକାରୀ କରାଯାଇଛି ଏବଂ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସମବାୟ ବିଭାଗ ସୂତ୍ରରୁ ପ୍ରକାଶ ।

## ଦେଶୀ ମଦ ଜବତ: ବେପାରୀ ଗିରଫ

କୋରେଇ, ୧ ମାର୍ଚ୍ଚ (ହି.ସ.)- ଯାଜପୁର ଜିଲ୍ଲା ପାଣିକୋଇଲି ପୁଲିସ ପକ୍ଷରୁ ପେଟ୍ରୋଲିଙ୍ଗ ସମୟରେ ଜଣେ ମଦ ବେପାରୀକୁ ଗିରଫ କରାଯିବା ସହ ତା ନିକଟରୁ ଦେଶୀ ମଦ ଜବତ କରାଯାଇଛି ।

ପ୍ରକାଶ ଯେ, ପାଣିକୋଇଲି ଥାନାଧିକାରୀ ଚକ୍ରପତି କହଁରଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ଅମୀୟ କୁମାର ବେହେରା ସଦଳବଳେ ଚଢ଼ଉ କରିଥିଲେ । ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ଉ କରିବା ସମୟରେ ସଠିପୁରରେ ଏକ ଜରି ବ୍ୟାଗରେ ଧରି ବେପାର କରୁଥିବା ସମୟରେ ପୁଲିସ ତାକୁ ଧରିଥିଲା । ତା ନିକଟରୁ ୨୦ ବୋତଲ ଆସ୍କା ଫର୍ଟି ଜବତ ହୋଇଥିଲା । ବେପାରି ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନ୍ଦପୁର ପଂଚାୟତର ବାଲିପଶି ଗ୍ରାମର କୃଷ୍ଣ ସାହୁଙ୍କ ପୁଅ ନବଘନ ସାହୁ(୪୫) ବୋଲି ଜଣାପଡିଛି । ଏନେଇ ଏକ ମାମଲା ୭୪/୨୧ ରୁଜୁ କରାଯାଇ ନବଘନକୁ ଗିରଫ କରାଯାଇଛି ।

## ଶିକ୍ଷାଜ୍ଞାନ ନଥାଇ ଶିକ୍ଷକ ଚାକିରୀ: ଅଭିଯୋଗ କଲେ ଗ୍ରାମବାସୀ

ପୁରୀ,୨।୩ (ନି.ପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ବକ୍ରକୋଟ ଗ୍ରାମପଂଚାୟତ ଅଧିନ କଂଟାପିଣିଆ ଗ୍ରାମର ଜଣେ ବିଇଡି ପାସ୍ କରିନଥିବା ଓ ପଢେଇବାର ଜ୍ଞାନ ନଥାଇ ଶିକ୍ଷକତା କରୁଥିବା ନେଇ ନୂଆଗାଁ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଦର୍ଶାଇଛନ୍ତି ସଚ୍ଚିଦାନନ୍ଦ ଜେନା ନକଲି ବିଇଡି ସାର୍ଟିଫିକେଟ ଆଣି ବୁଦ୍ଧିବର ହାଇସ୍କୁଲରେ ଏବେ ଶିକ୍ଷକତା କରୁଛନ୍ତି । ଏ ସଂପର୍କରେ ସୂଚନା ଅଧିକାର ଆଇନ ବଳରେ ଗ୍ରାମବାସୀମାନେ ଜାଣିବାକୁ ପାଇଛନ୍ତି ଯେ ସଂପୃକ୍ତ ଶିକ୍ଷକ ସିଟି ପାସ ନକରି ଯୁକ୍ତ ୩ରେ ଏଜ୍ୟୁକେସନ ବିଭାଗ ନଥାଇ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବିଇଡି ସାର୍ଟିଫିକେଟ ଜାଲିଆତି କରି ଦାଖଲ କରିଥିବା ଜଣାପଡିଛି । ସଂପୃକ୍ତ ଶିକ୍ଷକ ସଚ୍ଚିଦାନନ୍ଦ ଜେନା ୨୦୦୦ ମସିହାରୁ ଚାକିରୀ କରି ଶିକ୍ଷା ବିଭାଗରୁ ଲକ୍ଷାଧିକ ଟଙ୍କା ହାତେଇଛନ୍ତି । ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି ଯେ ଶିକ୍ଷକ ଜଣକ ଠିକ୍‌ଭାବେ ପାଠ ପଢାଉ ନଥିବା ବେଳେ ଛାତ୍ରଛାତ୍ରୀମାନଙ୍କ ଉପରେ ବିରକ୍ତ ହୋଇ ନାଲି ଆଖି ଦେଖାଉଛନ୍ତି । ଯାହାଫଳରେ ଉପଯୁକ୍ତ ଶିକ୍ଷା ଓ ଜ୍ଞାନ ଆହୋରଣ କରିବାରୁ ଛାତ୍ରଛାତ୍ରୀମାନେ ବଂଚିତ ହେଉଛନ୍ତି । ସଂପୃକ୍ତ ଜାଲ ଶିକ୍ଷକଙ୍କ ଜାଲିଆତିର ଜାଲ ବିଛାଇ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଅନ୍ଧାରରେ ଠେଲି ଦେଉଛନ୍ତି ବୋଲି ଗ୍ରାମର ସଂପାଦକ ଶରତ ଚନ୍ଦ୍ର ବାରିକ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ଜାଲ ଶିକ୍ଷକଙ୍କୁ ଗିରଫ କରିବା ପାଇଁ ଗଣଶିକ୍ଷା ବିଭାଗ, ପୁରୀଜିଲ୍ଲାପାଳ, ଡିଇଓଙ୍କୁ ଦାବି ଜଣାଇଛନ୍ତି । ସମସ୍ତ ସାର୍ଟିଫିକେଟର ତୁରନ୍ତ ଯାଂଚ କରାଯାଇ ପିଲାମାନଙ୍କର ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଶ୍ରୀ ବାରିକ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ୨୦୨୪ରେ ଲକିଙ୍କ ଲକ୍ ଖୋଲିବ କି ?: ସହରରେ ସରଗରମ ଚର୍ଚ୍ଚା

ପୁରୀ,୨।୩ (ନି.ପ୍ର): ପୁରୀଜିଲ୍ଲାର ପଂଚାୟତ ଉପନିର୍ବାଚନରେ ବିଜେଡି ଦକ୍ଷତାର ସହ କାମ କରିଥିବା ଜଣାପଡିଛି । ପୁରୀ ସଦର ନିର୍ବାଚନ ମଣ୍ଡଳୀର ଚାଲିଶବାଟିଆ ସରପଂଚ ଉପ ନିର୍ବାଚନରେ ମହେଶ୍ୱରଙ୍କ ଦୃଢ ନେତୃତ୍ୱରେ ବିଜେଡି ପୁଣି ତାର ପୂର୍ବ ଗୌରବ ଫେରି ପାଇଛି । ଏହି ପ ।ୟତ ନିର୍ବାଚନରେ ଚତୁରତାର ସହ ବାବୁଙ୍କ ମାୟାଜାଲରେ ବିଜେପି ପଶିନପାରି ଫେଲ ମାରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ୨୦୨୪ ପାଇଁ ବିଧାୟକ ପ୍ରାର୍ଥୀଭାବେ ଜଣେ ଯୁବ ସଂଗଠକ ଉପର ମୁଣ୍ଡରେ ପ୍ରବଳ ଦାବି କରୁଥିବା ବେଳେ ଗ୍ରାସ ରୁଟରେ ତାଙ୍କ ସଂଗଠନ ଶୂନ ବୋଲି ଏବେ ଚର୍ଚ୍ଚା ହେଉଛି । ଆଜି ବଡଦାଣ୍ଡର ଏକ ଗୁରୁତ୍ୱପୂର୍ଣ୍ଣ ଚା ଖଟିରେ ଆଲୋଚନା ହେଉଥିଲା କି ୨୦୨୪ରେ ଆଉ ଲକିଙ୍କ ଲକ୍ (ତାଲା) ଖୋଲିବ ନାହିଁ ବୋଲି ଜଣେ ବରିଷ୍ଠ ସେବାୟତ ଦୃଢତାର ସହ କହୁଥିବା ଶୁଣିବାକୁ ମିଳିଥିଲା । କେବଳ ସହରରେ କିଛି ଉତ୍ସବରେ ଯୋଗଦେଇ ଫଟୋ, ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଚାର କରୁଥିବା ବେଳେ ସିଧାସଳଖ ଲୋକଙ୍କ ସହ ସଂପର୍କ ନଥିବା ଚର୍ଚ୍ଚା ହେଉଛି ।

## ଗଛରେ ବାଇକ୍ ପିଟି ଯୁବକ ଗୁରୁତର

ପୁରୀ,୨।୩ (ନି.ପ୍ର): ବ୍ରହ୍ମଗିରି ଅରଖକୁଦା ଗ୍ରାମର ହରିହର ବେହେରା (୫୪) ପୁରୀ ଆସି ଘରକୁ ଫେରୁଥିବା ସମୟରେ ରେବେଣା ନୂଆଗାଁ ଛକଠାରେ ଏକ ଗଛରେ ବାଇକ ପିଟିଦେବାରୁ ଗୁରୁତର ଆହତ ହୋଇ ପଡି ରହିଥିଲେ । ସ୍ଥାନୀୟ ଲୋକମାନେ ୧୦୮ ଆମ୍ବୁଲାନ୍ସକୁ ଡକାଇ ଚିକିତ୍ସା ପାଇଁ ପୁରୀଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ତାଙ୍କର ମୁଣ୍ଡରେ ଓ ହାତରେ ଗୁରୁତର ଆଘାତ ଲାଗିଛି ବୋଲି ଜଣାଯାଇଛି । ଏବେ ସେ ଚିକିତ୍ସାଳୟରେ ଚିକିତ୍ସାଧିନ ଅଛନ୍ତି ।

## ଗ୍ୟାସ୍ ଭର୍ତ୍ତି ଟ୍ୟାଙ୍କର ଓଲଟିଲା

ଗଞ୍ଜାମ,୨।୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ହୁମା ଫାଣ୍ଡି ନିକଟ ପୁଇଁତଳା ଛକରେ ଆଜି ଅପରାହ୍ନରେ ଏକ ଆମୋନିଆ ଗ୍ୟାସ୍ ଭର୍ତି ଟ୍ୟାଙ୍କର ଭାରସାମ୍ୟ ହରାଇ ଓଲଟି ପଡିଥିବା ସୂଚନା ମିଳିଛି । ତେବେ ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ହୋଇନଥିବା କହିଛନ୍ତି ହୁମା ଫାଣ୍ଡି ଅଧିକାରୀ । ଅନ୍ୟପକ୍ଷରେ ଘଟଣାରେ କେହି ମୃତାହତ ହୋଇନଥିବା ଜଣାପଡିଛି ।

## ମୁଖ୍ୟ ଶାସନ ସଚିବଙ୍କ ପୋଷ୍ୟ ବିଦ୍ୟାଳୟ ଡି.ଏନ୍. ହାଇସ୍କୁଲକୁ ଉତ୍କର୍ଷ କେନ୍ଦ୍ର ଭାବରେ ବିକଶିତ କରାଯିବାକୁ ଘୋଷଣା

କେନ୍ଦୁଝର, ୧ ମାର୍ଚ୍ଚ (ହି.ସ.) କେନ୍ଦୁଝର ଜିଲ୍ଲାର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ (ଡି.ଏନ୍.ହାଇସ୍କୁଲ) କୁ ଉତ୍କର୍ଷ କେନ୍ଦ୍ର ଭାବରେ ବିକଶିତ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି । ବିଦ୍ୟାଳୟ ପରିସରରେ ଶିକ୍ଷକ, ପ୍ରାକ୍ତନ ଶିକ୍ଷକ ଏବଂ ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା ଅବସରରେ ଶ୍ରୀ ମହାପାତ୍ର ଏହା କହିଛନ୍ତି । ସୂଚନାଯୋଗ୍ୟ ଯେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ କୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟର ସଭାଗୃହରେ ଆଲୁମିନୀ ଆସୋସିଏସନ୍‌ର ସଭାପତି ତଥା ପ୍ରାକ୍ତନ ପ୍ରଧାନଶିକ୍ଷକ ବଳରାମ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଉଦ୍‌ବୋଧନ ଦେଇ ମୁଖ୍ୟ ଶାସନ ସଚିବ ମୋ ସ୍କୁଲ୍ କାର୍ଯ୍ୟକ୍ରମ ମାଧ୍ୟମରେ କିପରି ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ବିକାଶ କରାଯାଇ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରାଯାଇପାରିବ ସେ ସଂପର୍କରେ ଆଲୋଚନା କରିଥିଲେ । କେବଳ ଭିତିଭୂମି ବିକାଶରେ ଉତ୍କର୍ଷତା ହାସଲ କରିହେବ ନାହିଁ । ଏଥି ପାଇଁ ଉଚ୍ଚ ଗୁଣାତ୍ମକ ମାନର ଶୈକ୍ଷିକ ପରିବେଶ ନିହାତି ଜରୁରୀ ବୋଲି କହିଥିଲେ । ଡି.ଏନ୍. ହାଇସ୍କୁଲ୍‌ର ଅନେକ ଛାତ୍ର ବିଭିନ୍ନ କ୍ଷେତ୍ରରେ ରାଜ୍ୟ ତଥା ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ବିଭିନ୍ନ ବିଷୟରେ ଉତ୍କର୍ଷତା ହାସଲ କରିଥିବା ଛାତ୍ର ଛାତ୍ରୀମାନେ ସ୍କୁଲ୍ ଛାତ୍‌ଛାତ୍ରୀମାନଙ୍କୁ ଆବଶ୍ୟକୀୟ ଦିଗ୍‌ଦର୍ଶନ ଦେବା ପାଇଁ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଥିଲେ । ଏଥିପାଇଁ ଡିଜିଟାଲ୍ ମୋଡ୍‌ରେ ଆଲୋଚନା ଚକ୍ର ଆୟୋଜନ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଆଲୁମିନୀ ତରଫରୁ ମୁଖ୍ୟ ଶାସନ ସଚିବଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲାପାଳ ଆଶିଷ ଠାକରେ ଏହି ଆଲୋଚନା ସଭାରେ ଯୋଗଦେଇ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ । ଡି.ଏମ୍.ଏଫ୍. ଅନୁଦାନରେ ଛାତ୍ରାବାସ ଓ ଛାତ୍ରୀନିବାସ ନିର୍ମାଣ, ଖେଳ ପଡିଆର ଉନ୍ନତିକରଣ ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସୂଚନା ଦେବା ସହ ବିଦ୍ୟାଳୟରେ ଷ୍ଟାଫ୍ କ୍ୱାଟର୍ସ ନିର୍ମାଣ, ସାଇନ୍‌ସ୍ ପାର୍କ ନିର୍ମାଣ କରାଯିବ ବୋଲି କହିଥିଲେ । ଏହି ସଭାରେ ଆଲୁମିନୀର ସଦସ୍ୟମାନେ ବିଦ୍ୟାଳୟର ଶୈକ୍ଷିକ ବାତାବରଣର ଉନ୍ନତି ପାଇଁ ନିଜସ୍ୱ ମତାମତ ରଖିଥିଲେ । ପ୍ରଧାନଶିକ୍ଷକ ସତ୍ୟ ନାରାୟଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ବିଦ୍ୟାଳୟ ପରିଦର୍ଶନ ଅବସରରେ ନୀତି ଆୟୋଗ ଅନୁଦାନରେ ଅଟଳ ଇନୋଭେସନ୍ ମିଶନ ଅର୍ନ୍ତଗତ "ଅଟଳ ଟିଙ୍କରିଂ ଲ୍ୟାବ୍" ଉଦ୍‌ଘାଟନ କରିଥିଲେ । ସୂଚନା ଯୋଗ୍ୟ ଯେ ମୁଖ୍ୟ ଶାସନ ସଚୀବ ସୁରେଶ ମହାପାତ୍ର ହେଉଛନ୍ତି , କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ଅବସ୍ଥିତ ଡି.ଏନ. ହାଇସ୍କୁଲର ଜଣେ ପୁରାତନ ଛାତ୍ର ।

## ଶ୍ମଶାନ ପରିସର ଅଳିଆକୁ ସଫା କଲା ଟିମ୍ ହ୍ୟୁମାନିଟ୍ କନ୍ଧମାଳ

କନ୍ଧମାଳ,୨।୩ (ନି.ପ୍ର): ଫୁଲବାଣୀ ତଥା କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଂଚଳରେ ସମାସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ଆସିଥିବା ବେଳେ ଆଜି ଟିମ୍ ହ୍ୟୁମାନିଟ୍ କନ୍ଧମାଳ ପକ୍ଷରୁ ଆଉ ଏକ ନୂତନ ପଦକ୍ଷେପ ସ୍ୱରୁପ ଫୁଲବାଣୀ ସହର ସ୍ଥିତ ମା ନାରାୟଣୀ ମନ୍ଦିର ନିକଟରେ ଥିବା ଶ୍ମସାନର ପରିସରକୁ ସଫାକରା ଯାଇଛି । ସହରରେ ଥିବା ଏହି ଶ୍ମାସନର ଆବର୍ଜନାକୁ ସଫା କରିବା ପାଇଁ ପଦକ୍ଷେପ ନେବା ଆରମ୍ଭ ହୋଇଥିବା ବେଳେ ଆଜି ପ୍ରଥମଥର ପାଇଁ ନାରାୟଣୀ ମନ୍ଦିର ରାସ୍ତାରେ ଥିବା ଆବର୍ଜନାପୂର୍ଣ୍ଣ ଶ୍ମସାନ ପରିସର ସଫା କରାଯାଇଛି । ଟିମ୍ ର ଆବାହକ ଭି.ଲୋକନାଥ ରାଜୁଙ୍କ ତତ୍ୱାବଧାନରେ ଟିମ୍‌ର ସଦସ୍ୟ ପ୍ରଶାନ୍ତ ପାଣିଗ୍ରାହୀ , ଅନ୍ତର୍ଯ୍ୟାମୀ ପ୍ରଧାନ , ସାଇରାମ ପାତ୍ର , ଭି.ଜଗନ୍ନାଥ ରାଜୁ , ପ୍ରଫୁଲ କୁମାର ପୃଷ୍ଟି ,ପ୍ରଶାନ୍ତ ସେନାପତି ,ଅମର ପାତ୍ର ,ସାଇରାମ ପାଢୀ ,ନିଳାଂଚଳ ପାଣିଗ୍ରାହୀ , ଶିବ ପ୍ରସାଦ ପଣ୍ଡା , ସସ୍ମିତା ସାହୁ , ଜ୍ୟୋତିର୍ମୟୀ ରଣା , ରେଶମା ବେହେରା ଓ ଅନ୍ୟମାନେ ଏଥିରେ ସାମିଲ୍ ହୋଇ ପରିସର ସଂପୂର୍ଣ ଭାବେ ସଫେଇ କରିଥିଲେ । ସଦସ୍ୟମାନଙ୍କର ଏଭଳି କାର୍ଯ୍ୟକୁ ଅଂଚଳବାସୀ ବେଶ୍ ପ୍ରଶଂସା କରିଥିଲେ ।

## ଭଙ୍ଗଗଲା କଂସାପଟିର ରାଧାବଲ୍ଲଭ ମଠ

ପୁରୀ,୨।୩ (ନି.ପ୍ର): ଶ୍ରୀମନ୍ଦିର ଚୌହଦିରେ ୭୫ମିଟର ପର୍ଯ୍ୟନ୍ତ କୌଣସି ନିର୍ମାଣ କାମ ରହିବ ନାହିଁ ବୋଲି କେନ୍ଦ୍ର ଓ ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଥିଲେ । ବିଶେଷ କରି ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ମେଘା ଯୋଜନା ପ୍ରସ୍ତୁତ କରିଛନ୍ତି । ଦୀର୍ଘ ୨ବର୍ଷ ହେଲାଣି ଘର, ଲଜିଂ, ବ୍ୟବସାୟ ପ୍ରତିଷ୍ଠାନ ଭଙ୍ଗା ଯାଉଥିଲେ ମଧ କାମ ସଂପୂର୍ଣ୍ଣ ହୋଇପାରୁନାହିଁ । ଗତ ଦୁଇଦିନ ଧରି ଦୋଳମଣ୍ଡପ ସାହି ଓ କଂସାପଟିକୁ ଲାଗି ରହିଥିବା ରାଧାବଲ୍ଲଭ ମଠ ଭଙ୍ଗାକାର୍ଯ୍ୟ ଏବେ ଜୋରସୋରରେ ଚାଲିଛି । ପ୍ରଥମେ ମଠ ଭିତର ପଟୁ ଭଙ୍ଗାଯିବା ପରେ ଆଜି ଦୋକାନୀଙ୍କୁ ହଟାଯାଇ ବାହାରପଟୁ ଭଙ୍ଗାଯାଉଛି । ବ୍ୟାପକ ପୁଲିସ ସୁରକ୍ଷା ସହ ବ୍ୟାରିକେଡ ବ୍ୟବସ୍ଥା କରାଯାଇ ଭଙ୍ଗାକାର୍ଯ୍ୟ କରାଯାଉଛି । ଭକ୍ତ ସେଡ ନିର୍ମାଣ ପରେ କଂସାପଟିରେ ଥିବା ଦୋକାନଗୁଡିକ ଅଳ୍ପ ରାସ୍ତା ଯିବାଆସିବା ପାଇଁ ରହିଛି । ଯାହାଫଳରେ ସେହି ରାସ୍ତା ଦେଇ ଯାନବାହାନ ଯିବାରେ ସଙ୍କଟ ସୃଷ୍ଟି ହୋଇଛି । ଏହି ମଠ ଭଙ୍ଗାଯିବା ପରେ ସୁନାବେଶକୁ ହେଉଥିବା ପ୍ରବଳ ଗହଳିରୁ ରକ୍ଷା ମିଳିବ ବୋଲି ଯୋଜନା ରହିଛି ।

## ବାରଖମା ରାସ୍ତାରେ ଚାଲାଣ ବେଳେ କାର ସହ ୪୧ କିଗ୍ରା ଗଞ୍ଜେଇ ଜବତ : ୩ ଗିରଫ

କନ୍ଧମାଳ,୨।୩ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅଂଚଳରେ ଥିବା ବାରଖମା ରାସ୍ତାରେ ପୋଲିସ ଗାଡି ମୋଟର ତଲାସି ବେଳେ ପୋଲିସ ୪୧ କିଗ୍ରା ୩୦୦ ଗ୍ରାମ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି । ଏହା ସହିତ ପୋଲିସ ଚାଲାଣ କାର୍ଯ୍ୟରେ ନିୟୋଜିତ କାରକୁ ଜବତ କରିବା ସହିତ ଏହି ସଂକ୍ରାନ୍ତରେ ୩ ଜଣଙ୍କୁ ଗିରଫ କରିଛି ପୋଲିସ । ସୂଚନା ଅନୁସାରେ ଆଜି ଭୋର ସମୟରେ ସେହି ଅଂଚଳରେ ଜିଲ୍ଲା ବାହାରକୁ ଗଞ୍ଜେଇ ଚାଲାଣ ହେବାକୁ ଥିବା ନେଇ କୌଣସି ସୂତ୍ରରୁ ଖବର ପାଇବାପରେ ପୋଲିସ ପକ୍ଷରୁ ବାରଖମାର ଆପରାନାଳ ରାସ୍ତାରେ ପୋଲିସ ଗାଡି ମଟର ତଲାସି କାର୍ଯ୍ୟ ଜାରି ରଖିଥିଲା । ଗାଡି ମୋଟର ଯାଂଚ ବେଳେ ଗୋଟିଏ ଧଳା ରଙ୍ଗର କାରକୁ ତଲାସି ବେଳେ ସେଥିରୁ ପୋଲିସକୁ ଦୁଇଟି ବସ୍ତାରେ ୪୧ କିଗ୍ରା ୩ଶହ ଗ୍ରାମ ଗଞ୍ଜେଇ ମିଳିଥିଲା । ପୋଲିସ ଗଞ୍ଜେଇ ସମେତ ସେହି କାର (ଓ.ଡି-୦୨-ଏଏ-୪୧୨୨)କୁ ଜବତ କରିବା ସହିତ ଏହି ଚାଲାଣ କାର୍ଯ୍ୟରେ ଲିପ୍ତ ଥିବା କଟକ ଜିଲ୍ଲା ଆଠଗଡ ଅଂଚଳର କଳିଙ୍ଗ କେଶରୀ ପ୍ରଧାନ,ବନମାଳି ପ୍ରଧାନ ଓ ସୌଭାଗ୍ୟ ବେହେରାଙ୍କୁ ଗିରଫ କରିଛି । ଏହି ସଂକ୍ରାନ୍ତରେ ବାଲିଗୁଡା ଥାନା ପୋଲିସ ଏକ ମାମଲା ୪୨/୨୦୨୧ ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ବାଲିଗୁଡା ଥାନା ଅଧିକାରୀ ପ୍ରସାନ୍ତ କୁମାର ବେହେରାଙ୍କ ସୂତ୍ରରୁ ଜଣାପଡଛି ।

## ବେଦପ୍ରକାଶ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଅନୁଗୁଳ ଚମ୍ପିଅନ

କେନ୍ଦ୍ରାପଡା ,୨।୩ (ନି.ପ୍ର): ବେଦପ୍ରକାଶ ଅଗ୍ରୱାଲା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ର ଫାଇନାଲ ମ୍ୟାଚ୍‌ରେ ଅନୁଗୁଳ ଟିମ୍ ଭୁବନେଶ୍ୱର ଟିମ୍‌କୁ ହରାଇ ଚ୍ୟାମ୍ପିଅନ ହୋଇଥିବା ଜଣାପଡିଛି । ଦୁଇ ଦିନିଆ ଏହି ଆଉଟ୍ ଡୋର-ଇନଡୋର ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାର ପ୍ରାୟ ୩୨ଟି ଟିମ୍ ଅଂଶ ଗ୍ରହଣ କରିଥିଲେ । ଏହି ମ୍ୟାଚ୍‌ରେ ଅତିଥି ଭାବେ ଉଠା ଜଳସେଚନ ନିଗମର ଅଧକ୍ଷ ଅମରେଶ ପତ୍ରୀ, ଜିଲ୍ଲା ପରିଷଦ ଅଧକ୍ଷ ମାନସ ପରିଡା, ବିଜେଡି ରାଜ୍ୟ ଯୁବ ସଂପାଦକ ରାଜେଶ ଦାସ, କପାଳେଶ୍ୱର ସରପଂଚ ଗାୟତ୍ରୀ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଫାଇନାଲ ମ୍ୟାଚ୍‌ରେ ପାଟକୁରା ବିଧାୟକ ସାବିତ୍ରୀ ଅଗ୍ରୱାଲା, ଜିଲ୍ଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା, ବ୍ଲକ ଅଧକ୍ଷ ଶିବ ପ୍ରସାଦ ଭୋଳ, ଧର୍ମଶାଳା ତହସିଲଦାର ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ଯୋଜନା ବୋର୍ଡ ଓ ଜିଲ୍ଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାରାଣୀ ଜେନା, ବ୍ଲକ ଉପାଧକ୍ଷା ସ୍ନେହଲତା ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ ଦଳକୁ କପ୍ ପ୍ରଦାନ କରିଥିଲେ ।

## ସଂକଟମୋଚନ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ

ଭଦ୍ରକ,୦୨/୦୩ (ନି.ପ୍ର): ଭଦ୍ରକ ପୌରାଞ୍ଚଳ ୭ନମ୍ବର ୱାର୍ଡ଼ ଗବସାହିସ୍ଥିତ ସଂକଟମୋଚନ ହନୁମାନ ମନ୍ଦିରର ବାର୍ଷୀକ ଉତ୍ସବ ଆଡମ୍ବର ସହକାରେ ସମ୍ପୂର୍ଣ୍ଣ କୋଭିଡ ଗାଇଡଲାଇନ ଅନୁଯାୟୀ ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ଶତାଧିକ ମହିଳାଙ୍କ ଏକ କଳସ ଶୋଭାଯାତ୍ରା ବାହାରି ସାହି ପରିକ୍ରମା କରିଥିଲା। ସାଳନ୍ଦୀ ନଦୀରେ କଳସ ବୁଡ଼ାଇ ସେମାନେ ମନ୍ଦିରରେ ପହଞ୍ଚିବା ପରେ ପାରମ୍ପରିକ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପ୍ରଥମ ଦିବସରେ ଠାକୁରଙ୍କ ମହାସ୍ନାନ, ପଞ୍ଚକବ୍ୟସୋଧନ କରାଯିବା ସହ ସାଂଧ ଆରତୀ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିବସରେ ସୂର୍ଯ୍ୟପୂଜା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ସଂଧ୍ୟା ୬ଟାରେ ଯଜ୍ଞର ପୂର୍ଣ୍ଣାହୂତୀ ସମ୍ପନ୍ନ ହୋଇଥିଲା।

# ବେଳାଭୂମି ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର,୦୨/୦୩ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନହଲ ପରିସରରେ ରାଜଘରପୋଖରୀ ବେଳାଭୂମି ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ଓ ବିଶିଷ୍ଟ କବି ପଦ୍ମଲୋଚନ ନାୟକଙ୍କ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ପ୍ରଥମ ଅଧିବେଶନରେ କବି ସୁଧାଂଶୁ ଶେଖର ମିଶ୍ର ସଭାପତିତ୍ୱ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ, କବି ଓ ସାମ୍ବାଦିକ ଭରତ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ବିଜୟ ମହାପାତ୍ର, ବରିଷ୍ଠ କବି ଦିବ୍ୟସିଂହ ଦାସ ଅଧିକାରୀ, କବି ବିଭୂତି ଭୂଷଣ ସେନାପତି, କବି ସୁବାସିନୀ ଜୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାହିତ୍ୟ ଓ କଳାସଂସ୍କୃତିର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର ପୂର୍ବାଶା କୁ ଅତିଥିବନ୍ଧୁ ମାନେ ଉନ୍ମୋଚନ କରିଥିଲେ। କବି ସବିତା ରାଣୀ ବେହେରା ଓ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକଙ୍କୁ ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାଇଚଢେଇ ପତ୍ରିକାର ସଂପାଦକ କବି ବିକାଶ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅନୁଷ୍ଠାନର ସଂପାଦକ କବି ନିରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଯାତ୍ରା ଗବେଷକ ଓ ପ୍ରାବନ୍ଧିକ ଡକ୍ଟର ପଦ୍ମଲୋଚନ ମହାକୁଡ କବିତା ପାଠ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ କବି ସଦାନନ୍ଦ ପାଣିଗ୍ରାହୀ ଓ କବି ଅଦ୍ୱୈତ ପ୍ରସାଦ ନାୟକ। କବି ରବିକୁମାର ମହାନ୍ତି, କବି ରଂଜନ ନାୟକ ଓ କବି କଳ୍ପନା ପାଢୀ କବିତା ଗୁଡିକୁ ସଂଯୋଜନା କରିଥିଲେ। କବି ଆଶୁତୋଷ କରଣ, ଶିବସୁନ୍ଦର ସାହୁ, ସୁବାସ ମହାନ୍ତି, ଧନଞ୍ଜୟ ମହାକୁଡ, ଅଭିମନ୍ୟୁ ସାହୁ, ଦୟାନିଧି ସାହୁ, ବିପଦ ଭଂଜନ ପାଢୀ, ଶଶାଙ୍କ ଶେଖର ସାହୁ, ନିରଞ୍ଜନ ସେଠୀ, କୈଳାସ ଚନ୍ଦ୍ର ନାଥ, ମନୋରମା ନାୟକ, ଆତ୍ମାନନ୍ଦ ଦାସ ବାବାଜୀ, ଐତିହାସିକ ଅଜୟ ପଣ୍ଡା, ରଂଗ ରାଗର ସଂପାଦକ ପ୍ରଦୀପ୍ତ ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ସାହିତ୍ୟ ପତ୍ରିକା ପୂର୍ବାଶାର ପୃଷ୍ଠପୋଷକ ତଥା ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍ ପରମାନନ୍ଦ ରାଉତଙ୍କ ସୁପୁତ୍ର ପ୍ରିୟରଂଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ସଂଖ୍ୟାରେ କବି, ଲେଖକ, କଳାକାର, ବୁଦ୍ଧିଜିବୀ ଜନସାଧାରଣ ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁସୂଚିତ ....

ଏହି ଦୁଇଟି ଯୋଜନାରେ ଛଅ ଲକ୍ଷରୁ ଅଧିକ ପିଲା ଉପକାର ପାଇବେ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ ପ୍ରାଥମିକ ସ୍ତରରେ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ ପାଇଁ ସଂହତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିରେ ୧.୫ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବେ। ସେହିପରି ହଷ୍ଟେଲ ମାନଙ୍କରେ ରହୁଥିବା ଛାତ୍ରଛାତ୍ରୀ ମାନଙ୍କ ସୁବିଧା ପାଇଁ ମୋ ଛାତ୍ରାବାସ କାର୍ଡ ବ୍ୟବସ୍ଥା ଆରମ୍ଭ କର ଯାଇଛି । ଏହା ଦ୍ୱାରା ଅନୁସୂଚିତ ଜନଜାତି ଓ ଜାତି ଛାତ୍ରଛାତ୍ରୀ ମାନଙ୍କ ପାଇଁ ଥିବା ୬୭୦୦ ହଷ୍ଟେଲର ୫.୭୫ ଲକ୍ଷ ଛାତ୍ରଛାତ୍ରୀ ଉପକାର ପାଇବେ । ସେହିପରି ଓଡିଶା ରାଜ୍ୟ ବୃତି ପୋର୍ଟାଲ ଜରିଆରେ ୫୦ ହଜାର ଛାତ୍ରଛାତ୍ରୀଙ୍କୁ ୧୦୧ କୋଟି ଟଙ୍କା ପରିମାଣର ବୃତି ପିଲାମାନଙ୍କ ବ୍ୟାଙ୍କ ଆକାଉଂଟ କୁ ସିଧାସଳଖ ପ୍ରଦାନ କରାଯାଇଛି। ଏହି ଯୋଜନାରେ ଆଜି ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ୩ ଟି ଆକାଂକ୍ଷା ହଷ୍ଟେଲ ଉଦଘାଟନ କରିଥିଲେ । ଏହାସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ୬୮ଟି ଛାତ୍ରାବାସ ଲୋକାର୍ପିତ କରିଥିଲେ । ଏହି ଛାତ୍ରାବାସ ଗୁଡିକ ପାଇଁ ୧୫୦ କୋଟି ଟଙ୍କା ବିନିଯୋଗ କରାଯାଇଛି । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ପିଲାମାନଙ୍କ ଦକ୍ଷତା ବିକାଶ ଆମର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର । ପ୍ରୟାସ ଯୋଜନାରେ ୭୫୦୦ ରୁ ଅଧିକ ଏସଟି,ଏସସି ଓ ଓବିସି ପିଲାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ଭିତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଓଡିଶା ସ୍କିଲ ଡେଭଲପମେଂଟ ଅଥରିଟି ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଅଜୀମ ପ୍ରେମଜୀ ଫିଲାନଥରପିକ୍ ଇନିସିଏଟିଭ୍ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଆମର ୩୫୦୦ ପିଭିଟିଜି ଚାଷୀ, ୨୩ ହଜାର ଶିଶୁ ଏବଂ ୨୫ ହଜାର ମା ଉପକାର ପାଇବେ। ଏହି କାର୍ଯ୍ୟକ୍ରମ ରାଜ୍ୟର ୧୧୩୮ ଟି ପିଭିଟିଜି ଗ୍ରାମରେ କାର୍ଯ୍ୟକାରୀ ହେବ । ଏହି କାର୍ଯ୍ୟକ୍ରମ ଗୁଡିକ ଦ୍ୱାରା ଆମର ଜନଜାତି , ଜାତି ପିଲାମାନେ ଆଗକୁ ବଢିବା ସହିତ ସେମାନଙ୍କର ପ୍ରକୃତ ସଶକ୍ତିକରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ ବିଶ୍ୱାସ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ବଲପୁରରୁ ଯୋଗ ଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା ଆଜିର କାର୍ଯ୍ୟକ୍ରମ ଦ୍ୱାରା ଜନଜାତି , ଜାତି ଛାତ୍ରଛାତ୍ରୀ ମାନେ ଆଗକୁ ବଢିବା ସହିତ ଓଡିଶା ର ବିକାଶ ରେ ଯୋଗଦାନ ରଖିପାରିବେ ବୋଲି କହିଥିଲେ । ସେହିପରି ବ୍ରହ୍ମପୁର ସାଂସଦ ଶ୍ରୀ ଚନ୍ଦ୍ରଶେଖର ସାହୁ ଓ ରାଉରକେଲା ବିଧାୟକ ଶ୍ରୀ ସାରଦା ନାୟକ ମଧ ଭିଡିଓ କନଫରେନସିଙ୍ଗ ଜରିଆରେ ଯୋଗ ଦେଇ ଅଭିଭାଷଣ ରଖିଥିଲେ । ଆପଦଗ୍ରସ୍ତ ଜନଜାତିଙ୍କ ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଏକ କ୍ଷୁଦ୍ର ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା । ନବରଙ୍ଗପୁର ଓ କେଉଁଝର ର ଦୁଇଜଣ ବୃତି ପାଇଥିବା ଛାତ୍ରଛାତ୍ରୀ ଭିଡିଓ କନଫରେନସିଙ୍ଗ ଜରିଆରେ ନିଜର ମତାମତ ରଖି ଏହାଦ୍ୱାରା ସେମାନଙ୍କର ଉଚ୍ଚଶିକ୍ଷା ରେ ସୁବିଧା ହେବ ବୋଲି ପ୍ରକାଶ କରିଥିଲେ ଏବଂ ଏଥିପାଇଁ ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ ୫-ଟି ଶ୍ରୀ ଭି କେ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି କେ ଜେନା ବିଭାଗୀୟ ପ୍ରମୁଖ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା ,ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଯୋଗ ଦେଇଥିଲେ।

### ଖରାପ କିଟ୍ ରୁ ଭିସୁଟ୍ ....

ପ୍ରଥମେ ଭିସୁଟରେ କିଛି ଛାତ୍ରଙ୍କ ଆଂଟିଜେନ ଟେଷ୍ଟ କରାଯାଇଥିଲା। ସେଥିରେ ସେମାନଙ୍କ ରିପୋର୍ଟ ପଜିଟିଭ ଆସିଥିଲା। କିନ୍ତୁ ପରେ ଆରଟିପିସିଆର୍ ଟେଷ୍ଟରେ ସମ୍ପୃକ୍ତ ଛାତ୍ରଙ୍କ ରିପୋର୍ଟ ପଜିଟିଭ ଆସିନାହିଁ। ସୂଚନାଯୋଗ୍ୟ ଯେ, ଫେବ୍ରୁଆରୀ ୨୭ରେ ଭିସୁଟ୍ ର ମୋଟ ୨୫ ଛାତ୍ର କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିବା ପରେ ୨୮ ତାରିଖରେ ଭିସୁଟ୍ କୁ ଶଟ ଡାଉନ ଘୋଷଣା କରାଯାଇଥିଲା। ଭିସୁଟ୍ର ୧୧ଟି ହଷ୍ଟେଲକୁ ମାଇକ୍ରୋ କଂଟେନ୍‌ମେଂଟ୍ ଜୋନ୍ ଘୋଷଣା କରାଯାଇଥିଲା। 'ପୁଲହ' ହଷ୍ଟେଲର ପାର୍ଶ୍ୱବର୍ତୀ ଅଂଚଳକୁ 'ବଫର୍ ଜୋନ୍' ଘୋଷଣା କରାଯାଇଥିଲା। ଅଫଲାଇନରେ ହେବାକୁ ଥିବା ପରୀକ୍ଷା ସ୍ଥଗିତ ରଖାଯାଇଥିଲା। ସମସ୍ତ ଅଫଲାଇନ୍ କ୍ଲାସକୁ ଅନଲାଇନ୍ କରିବାକୁ କୁଳପତି ଘୋଷଣା କରିଥିଲେ।

### ଦିନ ଦ୍ୱିପହରରେ ରାଜଧାନୀରେ....

ଗଙ୍ଗାଧରଙ୍କୁ କହିଥିଲେ ସେ ସତ୍ୟନଗର ଯିବେ ଆସନ୍ତୁ ଛାଡ଼ିଦେବେ । ଓଲାରେ ବସିବା ପରେ ଗଙ୍ଗାଧର ବେହୋସ ହୋଇ ଯାଇଥିଲେ । ଆଉ ତାଙ୍କ ହୋସ ଆସିବା ପରେ ସେ ଭରତପୁର ଜଙ୍ଗଲରେ ନିଜକୁ ପାଇଥିଲେ । ପରେ ଜାଣି ପାଏଥିଲେ ତାଙ୍କ ପାଖରୁ ସୁନା ଚେନ, ମୁଦି ସହ ଟଙ୍କା ଚୋରୀ ହୋଇଛି ।

# ବିଭିନ୍ନ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳନ




ଧାମନଗର,୦୨/୦୩ (ନି.ପ୍ର): ଧାମନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ଫେବୃୟାରୀ ୨୮ତାରି ଦିନ ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମୀର କୁମାର ଗୋସ୍ୱାମୀ ଙ୍କ ସଭାପତିତ୍ୱରେ ଜାତୀୟ ବିଜ୍ଞାନ ଦିବସ ପାଳନ ଓ କୃତି ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁରଲିଧର ମିଶ୍ର ସମ୍ମାନିତ ଅତିଥିଭାବେ ସରକାରୀ ଉଚ୍ଚ ବିଦ୍ୟାଳୟର ଏସ୍ଏସି କମିଟିର ସଭାପତି ତଥା ସାମ୍ବାଦିକ ସେକ୍ ଜାଫର ଅଲ୍ଲୀ ଯୋଗଦେଇ ବିଜ୍ଞାନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀ ମାନଙ୍କୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିମାନେ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଫିଡ଼ରପ୍ରାଥମିକ ବିଦ୍ୟାଳୟର ଏସ୍ଏମ୍‌ସିର କମିଟି ସଭାପତି ବିଜୟ କୁମାର ବେହେରା ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ, ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଶ୍ରୀମତୀ ସ୍ୱପ୍ନାମଞ୍ଜରି ସେଠୀ, ସମ୍ବାଦିକ ପ୍ରତିକ୍ଷା ଦାସ ପ୍ରମୁଖ ଯୋଗଦେଇଥିଲେ। ଜାତୀୟ ବିଜ୍ଞାନ ଦିବସ ଅବସରରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟତ୍ରୀ ଶ୍ରୀମତୀ ଅର୍ଚ୍ଚିତା ରାଣୀ ବେହେରାଙ୍କ ତତ୍ତ୍ୱାବଧାନରେ ପିଲାମାନଙ୍କ ଦ୍ୱାରା ବିଜ୍ଞାନ ଭିତ୍ତିକ (ବିଜ୍ଞାନ କୁଇଜ୍, ବିଜ୍ଞାନ ପ୍ରଦର୍ଶନୀ) ପ୍ରତିଯୋଗିତା ଛାତ୍ରୀ ମାନଙ୍କ ମଧ୍ୟରେ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ, ଶିକ୍ଷା କର୍ମଚାରୀ ମାନେ ସହଯୋଗ କରିଥିଲେ।

## ବ୍ଲକ ଓ ଟାଉନ କଂଗ୍ରେସ କମିଟି ଘୋଷିତ

ଭଦ୍ରକ,୦୨/୦୩ (ନି.ପ୍ର): ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଅନୁମୋଦିତ ଭଦ୍ରକ ଜିଲ୍ଲାର ୭ଟି ବ୍ଲକ ଓ ୪ଗୋଟି ଟାଉନ କଂଗ୍ରେସ ସଭାପତିମାନଙ୍କ ନାମ ଆଜି ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁବ୍ରତ କୁମାର ଦାସଙ୍କ ଦ୍ୱାରା ଘୋଷଣା କରାଯାଇଛି। ଆଜି ଏକ ପ୍ରେସ ବିଜ୍ଞପ୍ତି ଯୋଗେ ଶ୍ରୀ ଦାସ ଏହି ସୂଚନା ଦେଇଛନ୍ତି। ଘୋଷିତ ସଭାପତିମାନେ ଭଦ୍ରକ ବ୍ଲକ ପ୍ରଫୁଲ୍ଲ ସାମଲ, ଭଦ୍ରକ ଟାଉନ ଅବଦୁଲ ମୁକିତ ଖାଁ, ଧାମନଗର ବ୍ଲକ ଅଭିଷେକ ରାଉତ, ଧାମନଗର ଟାଉନ ପ୍ରସନ୍ନ ଧଳ, ବାସୁଦେବପୁର ବ୍ଲକ ରମେଶ ବଳ, ବାସୁଦେବପୁର ଟାଉନ ଭକ୍ତ ରଂଜନ ପଟ୍ଟନାୟକ, ଚାନ୍ଦବାଲି ବ୍ଲକ କିଣୁରାମ ଯେନା, ଚାନ୍ଦବାଲି ଟାଉନ ବୃନ୍ଦାବନ ମହାଳିକ, ଭଣ୍ଡାରିପୋଖରୀ ବ୍ଲକ ରଜନୀକାନ୍ତ ଚନ୍ଦ, ବନ୍ତ ବ୍ଲକ ରାଜକିଶୋର ସ୍ୱାଇଁ ଓ ଉପସଭାପତି ନିରଞ୍ଜନ ମଲ୍ଲିକ, ତିହିଡ଼ି ବ୍ଲକ ସଭାପତି ଭାବେ ସରୋଜ ଦାସ ମନୋନୀତ ହୋଇଛନ୍ତି। ନବ ନିଯୁକ୍ତ କର୍ମକର୍ତ୍ତାଙ୍କ ସହଯୋଗ ଆଗାମୀ ଦିନରେ କଂଗ୍ରେସ ଦଳକୁ ଅଧିକ ସୁଦୃଢ କରିବ ବୋଲି ସଭାପତି ଶ୍ରୀ ଦାସ ଆଶା ପ୍ରକଟ କରିଛନ୍ତି।

## ବୁଧବାର ବନକ ଲାଗି, ୪ଘଂଟା ଦର୍ଶନ ବନ୍ଦ

ପୁରୀ,୦୨/୦୩ (ନି.ପ୍ର): ଆସନ୍ତାକାଲି ବୁଧବାର ଫାଲଗୁନ କୃଷ୍ଣ ପ ମୀ ତିଥିରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ସୂତ୍ରରୁ ଜଣାଯାଇଛି । ବନକ ଲାଗିରେ ଶ୍ରୀଜିଉଙ୍କ ଶ୍ରୀମୁଖ ସିଂହାର ଓ ଦତ ମହାପାତ୍ରଙ୍କ ଦ୍ୱାରା ଗୁପ୍ତ ସେବା ଅନୁଷ୍ଠିତ ହେବ । ଏଥିପାଇଁ ଆସନ୍ତା କାଲି ଆପାତତଃ ଅପରାହ୍ନ ୪ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଶ୍ରୀଜିଉଙ୍କ ଦର୍ଶନ ବନ୍ଦ ରହିବ । ବନକଲାଗି ପରେ ମହାପ୍ରଭୁଙ୍କୁ ମହାସ୍ନାନ କରାଯିବ । ମହାସ୍ନାନ ପରେ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିବେ ।

# ବିଜେପିର ଦୁଇ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ୬ରୁ

ଭୁବନେଶ୍ୱର,୦୨/୦୩ (ନି.ପ୍ର): ରାଜ୍ୟର ସାଂପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ଆଗାମୀ ମାର୍ଚ୍ଚ ୬ ଓ ୭ରେ ବିଜେପିର ଦୁଇ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ । ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଦାଧିକାରୀ ବୈଠକ ଅନୁଷ୍ଠିତ ହେବ । ମାର୍ଚ୍ଚ ୬ ରେ ପଦାଧିକାରୀ ଏବଂ ୭ ରେ କାର୍ଯ୍ୟକାରିଣୀ ବୈଠକ ହେବ । ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀଙ୍କ ସମେତ ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ ଏବଂ ସହ ପ୍ରଭାରୀ ବିଜୟ ପାଲ ସିଂ ତୋମରଙ୍କ ସମେତ ସମସ୍ତ ସାଂସଦ ଓ ବିଧାୟକ, ରାଜ୍ୟ ପଦାଧିକାରୀ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୁଖ ଯୋଗ ଦେବେ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି । ଏହି ଦୁଇ ଦିନିଆ କାର୍ଯ୍ୟକାରିଣୀ ବୈଠକରେ ଚାଷୀ ସମସ୍ୟା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ସୀମା ବିବାଦ, ବିପର୍ଯ୍ୟସ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା, କେନ୍ଦ୍ରୀୟ ଯୋଜନା ଘୋଟାଲା, ମହିଳା ସୁରକ୍ଷା, ବେରୋଜଗାର ଆଦି ପ୍ରସଙ୍ଗ ଗୁଡିକ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

### ହୃଦାନନ୍ଦ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଚରମ୍ପା ରେଲୱେ ଓ ଉକ୍ରଳିକା ସ୍ପୋର୍ଟିଂ ବିଜୟୀ

ଭଦ୍ରକ,୦୨/୦୩ (ନି.ପ୍ର): ସୂର୍ଯ୍ୟଶିଖା କ୍ଲବ ଆନୁକୂଲ୍ୟରେ ଆୟୋଜିତ ହୋଇ ଭଦ୍ରକ ନେହେରୁ ଷ୍ଟାଡିୟମରେ ଚାଲୁଥିବା ହୃଦାନନ୍ଦ ମେମୋରିଆଲ ଟି ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ଦିନରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଚରମ୍ପା ରେଲୱେ କ୍ରିକେଟ ଟିମ୍ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ବାସୁଦେବପୁରର ଉକ୍ରଳିକା ସ୍ପୋର୍ଟିଂ ବିଜୟୀ ହୋଇଛି। ପ୍ରଥମ ମ୍ୟାଚଟି ଚରମ୍ପା ରେଲୱେ ଦଳ ସହିତ ଭଦ୍ରକର ୟୁନିକ କ୍ରିକେଟ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟୁନିକ୍ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୧୩ ରନ କରିଥିଲା। ଦଳର ଦେବ ପ୍ରସାଦ ୬୧ରନ ଓ ଅସିତ ଦାସ ୨୪ ରନ କରିଥିବା ବେଳେ ପ୍ରତିପକ୍ଷର ହରେକୃଷ୍ଣ ବାରିକ ୩ଟି ଓ ପପନ ରାଉତ ୨ଟି ଉଇକେଟ ନେଇଥିଲେ। ୧୧୪ରନକୁ ପିଛା କରି ଚରମ୍ପା ଦଳ ବ୍ୟାଟିଂ କରି ୧୧.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ ଜ୍ୟୋତିରଂଜନ ମହାରଣା ୩୪ ଓ ପପନ ରାଉତ ୩୬ ରନ କରିଥିଲେ। ରେଲୱେ ପକ୍ଷରୁ ସୁଦାମ ମଲ୍ଲିକ ଓ ଅନିଲ ଉପାଧ୍ୟାୟ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ପପନ ରାଉତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ସାଳନ୍ଦୀ କ୍ଲବ ଓ ଉକ୍ରଳିକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାଳନ୍ଦୀ ଟସ୍ ଜିତି ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୮୧ ରନ କରିଥିଲା। ସାଳନ୍ଦୀର ଅନୁଭବ ବଳ ୪୪ରନ ଓ ଦୀପକ ଦାସ ୨୪ ରନ କରିଥିଲେ। ଉକ୍ରଳିକା ପକ୍ଷରୁ ରଶ୍ମି ରଂଜନ ମହାକୁଡ ୩ଟି ଓ ପର୍ଶୁରାମ ବାରିକ ୨ଟି ଉଇକେଟ ନେଇଥିଲେ। ପରେ ବ୍ୟାଟିଂ କରିଥିବା ଉକ୍ରଳିକା ଦଳ ୧୯.୨ ଓଭରରେ ୪ ଉଇକେଟ ହରାଇ ଏକ ଚିତ୍ତାକର୍ଷକ ବିଜୟ ହାସଲ କରିଥିଲା। ମାନସ ମହାଳିକ ଧୂଆଁଦାର ୭୬ରନ ଓ ଅଲେଖ ବେହେରା ୫୯ରନ କରିଥିଲେ। ସାଳନ୍ଦୀ ପକ୍ଷରୁ ରଂଜନ ନାୟକ ୨ଟି ଓ ସୁନିଲ ସାହା ଗୋଟିଏ ଉଇକେଟ ନେଇଥିଲେ। ମାନସ ମହାଳିକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ମ୍ୟାଚକୁ ଲଲାଟ କେଶରୀ ନନ୍ଦ, କାଳନ୍ଦୀ ନାୟକ, କାଳନ୍ଦୀ ପଣ୍ଡା ଓ ରଂଜନ ମହାନ୍ତି ଅମ୍ପାୟାର ଭାବେ ପରିଚାଳନା କରିଥିଲେ।

## ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଗଞ୍ଜାମ,୦୨/୦୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅନ୍ତର୍ଗତ ଦାସପୁର ଛକ ନିକଟରେ ଆଜି ସକାଳେ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ଖବର ପାଇ ଗୋଳନ୍ଥରା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଟ୍ରାକ୍ଟର ଓ ବାଇକ୍ କୁ ଜବତ କରିବା ସହ ଘଟଣାରେ ଟ୍ରାକ୍ଟର ଡ୍ରାଇଭରକୁ ଗିରଫ କରିଛି । ପୋଲିସ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି ।

# ଭୁବନେଶ୍ୱର ଷ୍ଟେସନ ପାର୍ସଲ ବୋଝେଇରେ ୧୬.୯୮% ଅଭିବୃଦ୍ଧି

ଭୁବନେଶ୍ୱର,୦୨/୦୩ (ନି.ପ୍ର): ଭୁବନେଶ୍ୱର ରେଳ ଷ୍ଟେସନ ୨୦୨୧ ଫେବୃଆରୀ ମାସରେ ପ୍ରାୟ ୧୩୫୮.୪ ଟନ୍ ପାର୍ସଲ ପରିବହନ କରିଛି ଯାହାକି ୨୦୨୦ ଫେବୃଆରୀ ମାସ ତୁଳନାରେ ୧୬.୯୮% ଅଭିବୃଦ୍ଧି ପଞ୍ଜିକୃତ କରିଥିବାବେଳେ ଗତ ବର୍ଷ ଠାରୁ ପ୍ରାୟ ୧୯୭.୨ ଟନ୍ ଅଧିକ ପାର୍ସଲ ପରିବହନ କରିପାରିଛି । ଫେବୃଆରୀ, ୨୦୨୦ ରେ ଭୁବନେଶ୍ୱର ଷ୍ଟେସନ ୧୧୬୧.୨ ଟନ୍ ପାର୍ସଲ ପରିବହନ କରିଥିଲା । ସେହିଭଳି, ଫେବୃଆରୀ ୨୦୨୧ ରେ ଭୁବନେଶ୍ୱର ଷ୍ଟେସନ ପାର୍ସଲ ପରିବହନ ଆୟ କ୍ଷେତ୍ରରେ ୨୦୨୦ ଫେବୃଆରୀ ମାସ ତୁଳନାରେ ୭.୩୩% ଅଧିକ ପଞ୍ଜିକରଣ କରିଛି । ଏହି ରାଜସ୍ୱ କେବଳ ଭୁବନେଶ୍ୱର ଷ୍ଟେସନ୍ରୁ ବାହାରକୁ ପ୍ରେରଣ କରାଯାଇଥିବା ପାର୍ସଲ ପରିବହନରୁ ଆସିଛି। ଚଳିତ ବର୍ଷ ପାର୍ସଲ ଭ୍ୟାନ ଚଳାଚଳ ସଂଖ୍ୟା ମଧ ବୃଦ୍ଧି ପାଇଛି। ଫେବୃଆରୀ ୨୦୨୧ ରେ ଭୁବନେଶ୍ୱର ଷ୍ଟେସନ ଦ୍ୱାରା ପାଂଚଟି ପାର୍ସଲ୍ ସ୍ପେସିଆଲ୍ ଟ୍ରେନ୍ ପରିଚାଳିତ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଭୁବନେଶ୍ୱର ରେଳ ଷ୍ଟେସନ ଦେଶର ବିଭିନ୍ନ ଗନ୍ତବ୍ୟସ୍ଥଳକୁ ମାଛ, ଅଣ୍ଡା ଏବଂ ପାନ ପତ୍ର ଭଳି ଖୁବ କମ ସମୟରେ ନଷ୍ଟ ହୋଇଯାଉଥିବା ଜିନିଷଗୁଡ଼ିକର ପ୍ରମୁଖ ଅଂଶ ନିୟନ୍ତ୍ରଣ କରିଥାଏ।

# ଧାମନଗର ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ସର୍ବସମ୍ମତରେ ଚୟନ

## ସଭାପତି ବାସୁଦେବ ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର



ସଭାପତି    ସାଧାରଣ ସମ୍ପାଦକ

ଧାମନଗର,୦୨/୦୩ (ନି.ପ୍ର): ଭଦ୍ରକ ଜିଲ୍ଲାର ବହୁପୁରାତନ ତଥା ପ୍ରତିଷ୍ଠିତ ଧାମନଗର ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରବିବାର ଦିନ ସ୍ଥାନୀୟ ପୂର୍ତ୍ତବିଭାଗ ଡ଼ାକବଙ୍ଗଳା ଠାରେ ପ୍ରେସ୍ କ୍ଲବର ସାଧାରଣ ପରିଷଦ ବୈଠକ ଏହି ଉପଲକ୍ଷେ ଅନୁଷ୍ଠିତ ହୋଇଥିଲା। ପ୍ରେସ୍ କ୍ଲବର ଦୀର୍ଘ ବର୍ଷର ପରମ୍ପରା ଅନୁସାରେ ନିର୍ବାଚନ କରାନଯାଇ ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତ ଭାବେ କର୍ମକର୍ତ୍ତା ଚୟନ କରାଯାଇଥିଲା। ପୂର୍ବତନ ସଭାପତି ଅନିଲ କୁମାର ନାୟକଙ୍କ ନେତୃତ୍ୱରେ ଏକ ୭ଜଣିଆ ଚୟନ କମିଟି ଗଠନ କରାଯାଇ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଚୟନ କମିଟିର ସୁପାରିଶ ଅନୁଯାୟୀ ନିର୍ବାଚନ ଅଧିକାରୀ ରସାନନ୍ଦ ମହାପାତ୍ର ନୂତନକର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଏଥିରେ ପ୍ରେସ୍ କ୍ଲବର ଅନ୍ୟତମ ପ୍ରତିଷ୍ଠାତା ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ ସଭାପତି ଭାବେ ମନୋନୀତ ହୋଇଥିବାବେଳେ ପ୍ରଦୀପ କୁମାର ମହାପାତ୍ରଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ଭାବେ କିଷାନ କୁମାର ରାଉତ, ଉପସଭାପତି ଭାବେ ଦୀନବନ୍ଧୁ ଦାଶ, କୃଷ୍ଣଚନ୍ଦ୍ର ଜେନା, ସେକ୍ ଜାଫର ଅଲ୍ଲୀ, ବିଭୁତିଭୁଷଣ ମଲ୍ଲିକ, ସମ୍ପାଦକ ଭାବେ ସୁଶାନ୍ତ କୁମର ରାଉତ, ସରୋଜ କୁମାର ସେଠୀ, ପ୍ରଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ଭାବେ ପ୍ରତାପ କୁମାର ଆଢ଼ିଆ ମନୋନୀତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବରିଷ୍ଠ ସାମ୍ବାଦିକ ଅନିଲ କୁମାର ନାୟକ, ଅନିଲ କୁମାର ବାରିକ, ରସାନନ୍ଦ ମହାପାତ୍ର, କୈଳାଶଚନ୍ଦ୍ର ଗୁପ୍ତା ପ୍ରମୁଖଙ୍କୁ ଏହି କ୍ରିୟାଶୀଳ କମିଟିରେ ନିଆଯାଇଥିଲା। ଧାମନଗର ପ୍ରେସ୍ କ୍ଲବର ଏକତା ଓ ପୂର୍ବ ଗୌରବକୁ ଫେରାଇ ଆଣିବା ସହିତ ଖୁବ୍ ଶିଘ୍ର ପ୍ରେସ୍ କ୍ଲବର ଏକ ନୂତନ ଭବନ ନିର୍ମାଣ କରାଯିବବୋଲି ନବନିର୍ବାଚିତ ସଭାପତି ଶ୍ରୀ ତ୍ରିପାଠୀ ସୂଚନା ଦେଇଥିଲେ। ଏକ ଆଚରସଂଗୀତା ପ୍ରସ୍ତୁତ କରାଯାଇ ପ୍ରେସ୍ କ୍ଲବକୁ ଶୃଙ୍ଖଳିତ କରାଯିବା ସହିତ ସତ୍ୟ ନିଷ୍ଠ ସମ୍ବାଦ ପରିବେଷଣ ମାଧ୍ୟମରେ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରାଯିବବୋଲି ନୂତନ କମିଟିର କର୍ମକର୍ତ୍ତା ଓ ସଦସ୍ୟ ମାନେ ମତବ୍ୟକ୍ତ କରିଥିଲେ। ବିଦାୟୀ ସଭାପତି କୈଳାଶଚନ୍ଦ୍ର ଗୁପ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରେସ୍ କ୍ଲବର ଏହି ଗୁରୁତ୍ୱ ପୂର୍ଣ୍ଣ ବୈଠକକୁ କାର୍ଯ୍ୟକାରୀ ସଭାପତି କିଶାନ ରାଉତ ସଂଚାଳନ କରିଥିବାବେଳେ ସାମ୍ବାଦିକ ସୁଧାକର ଦାଶ, ବିବେକାନନ୍ଦ ସାମଲ, ଗୋଲାମଜିଲାନି ହବିବି, କାର୍ତିକ ଚନ୍ଦ୍ର ନାୟକ, ଜଗନ୍ନାଥ ବେହେରା, ବାସୁଦେବ ପାତ୍ର, ସନ୍ତୋଷ ଦାସ ସମେତ ବହୁ ବରିଷ୍ଠ ସାମ୍ବାଦିକ ନୂତନ କମିଟିକୁ ସ୍ୱାଗତ କରିଥିଲେ ।

# କ୍ରୀଡାଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ବାଲିଆପାଳ,୦୨/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଉଦୟନାରାୟଣ ଉଚ୍ଚବିଦ୍ୟାଳୟର କ୍ରୀଡାଶିକ୍ଷକ ସୁରେନ୍ଦ୍ରନାଥ ଅଣ୍ଡିଆଙ୍କର ବିଦାୟକାଳୀନ ସମ୍ବଦ୍ଦର୍ନାସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବିଦ୍ୟାଳୟ ପରରିଚାଳନା କମିଟି ସଭାପତି ପୂର୍ବତନ ସରପଞ୍ଚ ମୁରଳି ମୋହନ ସାହୁ,ବିଦ୍ୟାଳୟର ପ୍ରତିଷ୍ଠାତା ପିତାମ୍ବର ସାହୁ, ପୁରାତନ ଛାତ୍ର ସଂସଦର ସଭାପତି ଶୁଭେନ୍ଦୁ ଦାସ,ଗ୍ରାମମୁଖ୍ୟ ବିପିନ କୁମାର ଚକ୍ରବର୍ତ୍ତୀ,ଶରତ ମହାନ୍ତି,ଶିକ୍ଷକ ସଞ୍ଜୟ କୁମାର ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ସତ୍ୟବାଦୀ ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନକରି ବିଦାୟୀଶିକ୍ଷକ ଶ୍ରିଯୁକ୍ତ ଅଣ୍ଡିଆଙ୍କର ଏହହି ବିଦ୍ୟାଳୟରେ ଦୀର୍ଘ ୩୦ ବର୍ଷ କାର୍ଯ୍ୟକକାଳ ମଧ୍ୟରେ ବିଦ୍ୟାଳୟ ପ୍ରତି ରହିଥିବା ଅବଦାନ,ଛାତ୍ର ଛାତ୍ରୀଙ୍କ ପ୍ରତି ରହିଥିବା । ସ୍ନେହମମତା ସଂପର୍କରେ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଅତିଥିମାନେ ବିଦାୟୀ ଶିକ୍ଷକଙ୍କୁ ଉପଢୌକନଓପୂଲତୋଡା ଦେଇ ସମ୍ବଦର୍ଦ୍ଧୀତ କରିଥିଲେ । ଅନ୍ୟମାନାଙ୍କ ମଧ୍ୟରେ ଶିକ୍ଷକ ଶ୍ୟାମସୁନ୍ଦର ଦାସ,ସନ୍ତୋଷ କୁମାର ପାଣିଗ୍ରାହୀ,ମହେଶ୍ୱର ମାଣିକ,ଜୟନ୍ତ ଭୂୟାଁ,ଧନଞ୍ଜୟ ଚରଣ ଦେ ,ପରମାନନ୍ଦ ସାହୁ, ଅଜିତ ସାହୁ,ମନୋରଞ୍ଜନ ପ୍ରଧାନ,ଅଜିତ ବାରିକ,ତନ୍ମୟ ସାମଲ, ଅରତୀ ଦାସ ,ବସନ୍ତ ବିଶ୍ୱା.ରମାକକାନ୍ତ ଜେନା,ସନ୍ତୋଷ ଦାସ,ପବିତ୍ର ରାଉଳ ସମେତ ବିଦ୍ୟାଳୟର ସମସସ୍ତ ଶିକ୍ଷକ ସିକ୍ଷୟତ୍ରୀ ଓ କର୍ମଚାରୀ,ପୁରାତନ ଛାତ୍ର ଛାତ୍ରୀ ମାନାଙ୍କ ଉପସ୍ଥିତ ରହି ବିଦାୟୌ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

ବାଲେଶ୍ୱର, ବୁଧବାର, ୦୩ ମାର୍ଚ୍ଚ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ବାରିପଦା ବନଖଣ୍ଡ ଅଧୀନରେ ବିଭିନ୍ନ ଜଙ୍ଗଲରେ ଅଗ୍ନିକାଣ୍ଡ

ବାରିପଦା,୦୨/୦୩ (ନି.ପ୍ର): ଗ୍ରୀଷ୍ମ ଋତୁ ନହେଉଣୁ ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବାର ଦେକାଗଲାଣି। ଓଡିଶା ସରକାରଙ୍କ ପାଣିପାଗ ବିଭାଗ ପକ୍ଷରୁ ଗ୍ରୀଷ୍ମପ୍ରବାହ ନେଇ ସତର୍କ ସୂଚନା ମଧ୍ୟ ଜାରି କରାଯାଇଛି। ଏହି ଗ୍ରୀଷ୍ମ ସମୟରେ ଅନେକ ଘରଦ୍ୱାର, ବଣଜଙ୍ଗଲ ନିଆଁ ଲାଗି ବହୁ ଧନ ଜୀବନ କ୍ଷତି ହେବାର ଦେଖିବାକୁ ମିଳିଥାଏ। ତେବେ ଗତ କିଛି ଦିନ ହେଲା ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଂଚଳରେ ଅଗ୍ନିକାଣ୍ଡ ଘଟି ଅନେକ ଧନ ଜୀବନ ଓ ସମ୍ପତ୍ତି ନଷ୍ଟ ହୋଇଥିବାର ଚିତ୍ର ଦେଖିବାକୁ ମିଳିଛି। ବାରିପଦା ଉପଖଣ୍ଡରେ ଥିବା ବାରିପଦା ବନାଂଚଳ ଅଧୀନ ମଂଚାବନ୍ଧା ସଂରକ୍ଷିତ ଜଙ୍ଗଲରେ ଶନିବାର ସନ୍ଧ୍ୟାରୁ ହୁହୁ ହୋଇ ନିଆଁ ଜଳୁଛି। ସୂଚନା ଅନୁସାରେ ୧୮ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱର ୫ କିଲୋମିଟର ଦୈର୍ଘ୍ୟ ଅଂଚଳରେ ଥିବା ଏହି ସଂରକ୍ଷିତ ଜଙ୍ଗଲର ପ୍ରାୟ ୮ ଶହ ହେକ୍ଟର ଅଂଚଳରେ ନିଆଁ ଲାଗିଥିବା ପ୍ରକାଶ। ଏହା ସହ କିଛି ଦିନ ତଳେ ଲକ୍ଷ୍ମୀପୋଷି ଗ୍ରାମପଂଚାୟତର ଆମ୍ବ ବାଗାନ ଓ ତକତପୁର ହେମଚନ୍ଦ୍ରପୁର ନିକଟରେ ପଟାସ ବଣରେ ନିଆଁ ଲାଗିଥିବା ଘଟଣା ଦେଖିବାକୁ ମିଳିଥିଲା। ଗ୍ରୀଷ୍ମ ଋତୁ ଆରମ୍ଭରୁ ଏଭଳି ଜଙ୍ଗଲରେ ନିଆଁ ଲାଗିବା ଓ ବର୍ଷା ନହେବା ଅଗ୍ନିଶମ ବିଭାଗ ପାଇଁ ଚିନ୍ତାର ବିଷୟ ପାଲଟିଛି। ସାଧାରଣତଃ ଜଙ୍ଗଲ ଗୁଡିକରେ ବିଭିନ୍ନ ବନଜାତ ଦ୍ରବ୍ୟ ସଂଗ୍ରହ କରିବା ପାଇଁ ଜଙ୍ଗଲର ପତ୍ର ଝଡା ସମୟରେ ନିଆଁ ଲଗାଯାଉଥିବା ଏକ ପାରମ୍ପରିକ ଅଭ୍ୟାସ। କିନ୍ତୁ ଗତ କିଛି ବର୍ଷ ଧରି ଜଙ୍ଗଲଗୁଡିକରେ ନିଆଁ ନଲାଗିବା ପାଇଁ ପ୍ରତିଷେଧକ ମୂଳକ ବ୍ୟବସ୍ଥା ସ୍ୱରୂପ ଗ୍ରାମବାସୀଙ୍କ ସହାୟତାରେ ଫାୟାର ଲାଇନ କଟାଯିବା ସହିତ ଜଙ୍ଗଲରେ ତଳେ ପଡିରହୁଥିବା ଶୁଖୁଲା ପତ୍ର ଆଦିକୁ ସଫା କରାଯାଇ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି। ଏହି ନିଆଁ ଲାଗିବା ଦ୍ୱାରା ଔଷଧୀୟ ଗୁଳ୍ମ ଆଦି ପୋଡିଯିବା ସହିତ ବିଭିନ୍ନ ପ୍ରଜାତିର ଭୂମି ତଳେ ରହୁଥିବା ଜୀବଜନ୍ତୁ କିଟପତଙ୍ଗ ଜୀବନ ହାନି ହେଉଛି। କେଉଁ କାରଣରୁ ମଂଚାବନ୍ଧା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଛି, ତାହା ଜଣାପଡି ନଥିବା ବେଳେ, ଏହି ଇକୋଟୁରିଜିମ ପ୍ରକଳ୍ପ ଭାବରେ ଗ୍ରହଣ କରାଯାଇଥିବା ଏହି ମଂଚାବନ୍ଧା ଶାଳବଣ ଏବେ ଅସାମାଜିକ ନିଶାଡି ଯୁବକଙ୍କ ଆଡ୍ଡାସ୍ଥଳି ପାଲଟିଛି ।

## ମାର୍ଚ୍ଚ ୫ରେ ଆନ୍ତଃକ୍ଲବ କ୍ରିକେଟ ଟୁର୍ଣ୍ଣାମେଂଟ ପାଇଁ ପଞ୍ଜିକରଣ

ବାରିପଦା,୦୨/୦୩ (ନି.ପ୍ର): ମୟୂରଭଞ୍ଜ ଆଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ଜୁନିୟର ଏବଂ ସିନିୟର କ୍ରିକେଟ ଟୁର୍ଣ୍ଣାମେଂଟ ପାଇଁ ୧୪ରୁ କମ ଓ ୧୬ ବର୍ଷରୁ କମ ଜୁନିୟର ବର୍ଗପାଇଁ ଏବଂ ୧୯ ଓ ତଦୁର୍ଦ୍ଧ ବର୍ଷ ଖେଳାଳି ମାନେ ସିନିୟର ବର୍ଗ ପାଇଁ ଆସନ୍ତା ମାର୍ଚ୍ଚ ୫ ତାରିଖରେ ଅରିଜିନାଲ ଡକ୍ୟୁମେଂଟ ସହିତ ସକାଳ ୧୦ଟାରୁ ୧୨ ଟା ଏବଂ ଅପରାହ୍ନ ୪ଟାରୁ ସଂଧ୍ୟା ୭ଟା ମଧ୍ୟରେ ଆସି ପଞ୍ଜିକରଣ କରାଇ ନେବାକୁ କୁହାଯାଇଛି । ତେବେ ଜିଲ୍ଲାରେ ରହିଥିବା କ୍ରିକେଟ କ୍ଲବର ଖେଳାଳୀ ମାନଙ୍କ ସହିତ, ଯେଉଁ ଖେଳାଳି ମାନେ କୌଣଷି କ୍ଲବ ସହିତ ଅନୁବନ୍ଧିତ ନାହାନ୍ତି ସେମାନେ ମଧ୍ୟ ପଂଜିକରଣ କରାଇ ପାରିବେ ବୋଲି ଜଣାଯାଇଛି । ପଂଜିକରଣ ପାଇଁ ଡିଜିଟାଲ ଜନ୍ମଗତ ପ୍ରମାଣ ପତ୍ର, ଆଧାର କାର୍ଡ, ସ୍କୁଲରେ ପଢୁଥିଲେ ସ୍କୁଲ ରେଜଷ୍ଟ୍ରିସନ ନମ୍ବର, ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦସ୍ତଖତ ସହିତ ମୋହର ଥିବା ସୁପାରିସ ପତ୍ର ଆବଶ୍ୟକ ବୋଲି ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସମ୍ପାଦକ କିଶୋର କୁମାର ବିଶ୍ୱାଳ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

# ଆଇଏନଟିୟୁସି ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ଆଗରେ ଗଣଧାରଣା

ବାଲେଶ୍ୱର,୦୨/୦୩ (ନି.ପ୍ର): ବିଭିନ୍ନ ଦାବିନେଇ ଭାରତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ (ଆଇଏନଟିୟୁସି) ପକ୍ଷରୁ ଜିଲା ଶ୍ରମ ବିଭାଗ ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ସୁରେଶ ଚନ୍ଦ୍ର ବେହେରା, ଜୀବନକୃଷ୍ଣ ବାରିକ, ପ୍ରଦୀପ କୁମାର ଦାସ, ବାସନ୍ତି ସାମଲ, ଭାରତୀ ପଣ୍ଡା, ରମେଶ ଚନ୍ଦ୍ର ଦାସ ପ୍ରମୁଖ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲା ଶ୍ରମ ବିଭାଗର ଖାମଖିଆଲି କାର୍ଯ୍ୟଧାରାକୁ ନେଇ ତୀବ୍ର ସମାଲୋଚନା କରିଥିଲେ। ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବାର ଆଳ ଦେଖାଇ ଏହି କାର୍ଯ୍ୟାଳୟରେ ଶ୍ରମିକଙ୍କୁ ନ୍ୟାର୍ଯ୍ୟ ହକରୁ ବଞ୍ଚିତ କରାଯାଉଥିବା ସେମାନେ ଆରୋପ ଉଠାଇଛନ୍ତି। ବିଶେଷ କରି ପ୍ରତିଦିନ ବିଭିନ୍ନ



କାର୍ଯ୍ୟପାଇଁ ଜିଲାର ବିଭିନ୍ନ ଅଞ୍ଚଳରୁ ଶ୍ରମକାର୍ଯ୍ୟାଳୟକୁ ଆସୁଥିବା ଶ୍ରମିକମାନେ ଶେଷରେ ନିରାଶ ହୋଇ ଫେରୁଛନ୍ତି। ନିର୍ମାଣ ଶ୍ରମିକଙ୍କ ନୂତନ ପଞ୍ଜୀକରଣ, ପଞ୍ଜୀକରଣ ନବୀକରଣ ଏକପ୍ରକାର ବନ୍ଦ ହୋଇଯାଇଥିବା ବେଳେ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିରୁ ମୃତାହତ ଶ୍ରମିକ ପରିବାର ସରକାରୀ ସହାୟତା ପାଇବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ସବୁଠାରୁ ବଡ଼କଥା ହେଲା କରୋନା ପ୍ରଭାବରୁ ମୁକୁଳିବା ଓ ସ୍ୱାଭାବିକ ଜୀବନଧାରଣ ପାଇଁ ସରକାରୀ ପ୍ରଦତ୍ତ ଅର୍ଥରାଶି ଅଦ୍ୟାବଧି ସମସ୍ତ ପଞ୍ଜୀକୃତ ଶ୍ରମିକଙ୍କୁ ମିଳିପାରି ନାହିଁ। ବାରମ୍ବାର ଦାବି କରିବା ସତ୍ତ୍ୱେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଆଇଏନଟିୟୁସିର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ସମସ୍ତ ଆବେଦନକାରୀ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକରଣ କରାଇବା, ସମସ୍ତ ପଞ୍ଜୀକୃତ ଶ୍ରମିକଙ୍କୁ ସରକାରୀ ପ୍ରଦତ୍ତ ସହାୟତା ପ୍ରଦାନ କରିବା, ଘରୋଇ ବିଲ୍ଡରଙ୍କଠାରୁ ବକେୟା ସେସ୍ ଆଦାୟ କରିବା, ନିର୍ମାଣ ଶ୍ରମିକ କଲ୍ୟାଣ ପରିଷଦରେ ଶାସକ ଦଳର ହସ୍ତକ୍ଷେପ ବନ୍ଦ କରିବା, ପ୍ରତ୍ୟେକ ନିର୍ମାଣ ଶ୍ରମିକଙ୍କୁ ମାସିକ ୬ ହଜାର ଟଙ୍କାର ସହାୟତା ପ୍ରଦାନ କରିବା, ମୃତ୍ୟୁକାଳୀନ ସହାୟତା ୬୦ ଦିନ ମଧ୍ୟରେ ପ୍ରଦାନ ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏଷନଇ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଆଇଏନଟିୟସି ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି କମକର୍ତ୍ତାମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ଆଇଏନଟିୟୁସି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୨ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ସହକାରୀ ଶ୍ରମ ଆୟୁକ୍ତଙ୍କୁ ପ୍ରଦାନ କରାଯାଇଥିଲା।

## ସୁବର୍ଣ୍ଣରେଖା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱଗ୍ରହଣ

ବାଲିଆପାଳ,୦୨/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଦେଭୋଗସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷଭାବେ ଉଦ୍ଭିଦ ବିଜ୍ଞାନର ବରିଷ୍ଠ ଅଧ୍ୟାପକ ଡ. ସରୋଜ କୁମାର ଗିରି ଦାୟିତ୍ୱ ଗ୍ରହଷଣ କରିଛନ୍ତି ।ପୂର୍ବତନ ଅଧ୍ୟକ୍ଷ ଡ.ସନ୍ତୋଷ କୁମାାର ଦାସଙ୍କ ଅବସର ପରେ ଶ୍ରୀଯୁକ୍ତ ଗିରି ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି ।ଏହି ଅବସରରେ ମହହାବିଦ୍ୟାଳୟର ଅଧ୍ୟାପକ ଏବଂ କର୍ମଚାରୀ ମାନଙ୍କ ତରଫରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ ଦାସଙ୍କୁ ବିଦାୟଦେବା । ସହ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅଧ୍ୟାପକ ରରମେଶ ଚନ୍ଦ୍ର ଜେନା,ବରେନ୍ଦ୍ର ରାଉତ,ସୁବଳ କୁମାର ଗିରି,ବେଣୁଧର ନାୟକ, ସତ୍ୟନାରାୟଣ ସାହୁ, ଲକ୍ଷ୍ମୀକାନ୍ତ ଜେନା, କାମିନୀକାନ୍ତ ମହାନ୍ତି, ଶାନ୍ତିଲତା ଗିରି ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତଥିଲେ ।

## ଶ୍ରୀରାମ ନବମୀ ମହୋତ୍ସବ : ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ସାଧାରଣ ବୈଠକ

ଭଦ୍ରକ,୦୨/୦୩(ନି.ପ୍ର): ଚଳିତ ବର୍ଷର ପ୍ରସିଦ୍ଧ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବକୁ କରୋନା କଟକଣାରେ ରହି ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ପାଇଁ ଶ୍ରୀରାମ ମହାଯଜ୍ଞ ସିମତି ପକ୍ଷରୁ ଅନୁଷ୍ଠିତ ସାଧାରଣ ବୈଠକରେ ମତ ପ୍ରକାଶ ପାଇଛି। ଗାନ୍ଧୀ ପଡ଼ିଆ ସ୍ଥିତ ସୀତାରାମ କଲ୍ୟାଣ ମଣ୍ଡପ ସଭାଗୃହରେ ସମିତିର ସଭାପତି ଆଇନଜୀବୀ ରାୟ ରାମାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚଳିତ ବର୍ଷ ରାମ ନବମୀ ପ୍ରଥମ ବୈଠକରେ ଚଳିତ ବର୍ଷର ଏହି ମହୋତ୍ସବକୁ ସର୍ବବ୍ୟାପୀ ଶାନ୍ତି ଶୃଙ୍ଖଳାର ପାଳନ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ସମିତିର ବରିଷ୍ଠ ଉପଦେଷ୍ଟା ମନମୋହନ ସାମଲ ଭଦ୍ରକର ଶ୍ରୀରାମ ନବମୀ ମହୋତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ଶରତ ପଢିଆରୀ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସ୍ୱାଧୀନ ସୁନ୍ଦର ଦାସ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ଉପଦେଷ୍ଟା ଧାମନଗରର ମାନ୍ୟବର ବିଧାୟକ ତଥା ବିରୋଧୀ ଦଳର ଉପନେତା ବିଷ୍ଣୁ ଚରଣ ସେଠୀ, ବଦ୍ରିନାରାୟଣ ଧଳ, ମାଧବାନନ୍ଦ ମଲ୍ଲିକ ମଞ୍ଚାସିନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ଗୋବିନ୍ଦ ରାଉତ, ଉପସଭାପତି ଅମ୍ବିକା ଦାସ, ଯୁଗ୍ମ ସମ୍ପାଦକ ତପନ ମହାନ୍ତି, କୋଷାଧକ୍ଷ ନିରଂଜନ ସାହୁ, ସହକୋଷାଧକ୍ଷ ଭଗବାନ ପଣ୍ଡା, ବିଜୟ ଭୂଷଣ ନାୟକ, ଡାକ୍ତର ପ୍ରଦିପ ନାୟକ, ବିଜୟ ସିନ୍‌ହା, ତୁଷାର ଦାସ, ସରୋଜିନୀ ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ମୀନାକୁମାରୀଙ୍କ 'ବାର୍ବୀଡଲ ଓ ଅନ୍ୟାନ୍ୟ ନାଟକ' ଲୋକାର୍ପିତ

ବାଲେଶ୍ୱର,୦୨/୦୩ (ନି.ପ୍ର): ଶିକ୍ଷୟିତ୍ରୀ ମୀନାକୁମାରୀ ସାମଲଙ୍କ ରଚିତ 'ବାର୍ବୀଡଲ ଓ ଅନ୍ୟାନ୍ୟ ନାଟକ' ଆଜି ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଲୋକାର୍ପିତ ହୋଇଯାଇଛି। 'ରେବତୀ'ର ସମ୍ପାଦିକା ସୁବାସିନୀ ଜେନା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନାଟକ ପୁସ୍ତକକୁ ଉନ୍ମୋଚନ କରିବା ସହ ନାଟ୍ୟକାର ମୀନାକୁମାରୀଙ୍କ ବିକଶିତ ନାଟକୀୟ ଚିନ୍ତାଧାରାକୁ ଭୂୟସୀ ପ୍ରଶଂସା କରିଥିଲେ। କବି ପ୍ରଶାନ୍ତ ଦାସ ଏଥିରେ ସଭାପତିତ୍ୱ କରିବା ସହିତ ମୀନାକୁମାରୀଙ୍କ ନାଟକୀୟ ଅଭିରୁଚି ଓ ଆବେଗ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି




କହିଥିଲେ। ନାଟ୍ୟାନୁଷ୍ଠାନ 'କଳାକାର'ର ମୁଖ୍ୟ ସୁରଞ୍ଜନ ଦାସମହାପାତ୍ର, କବି ଉତ୍ପଳ ମହାନ୍ତି, ସାହିତ୍ୟ ଏକାଡେମୀ ସଦସ୍ୟ ତଥା ସୁବର୍ଣ୍ଣଶ୍ରୀର ପ୍ରକାଶକ କବି କାଳୀପଦ ପଣ୍ଡା ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୀନାକୁମାରୀଙ୍କ ନାଟକୀୟ ଚେତନାର ବିକାଶ ପ୍ରଶଂସନୀୟ ବୋଲି କହିଥିଲେ। ଏହି ଧାରା ବଜାୟ ରହିଲେ ଆଗାମୀ ଦିନରେ ନାଟ୍ୟ ରଚନା କ୍ଷେତ୍ରରେ ତାଙ୍କର ସୁଖ୍ୟାତି ମାଇଲଖୁଣ୍ଟ ହେବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। କବି ଶ୍ରୀଦେବ ଏହି ନାଟକ ପୁସ୍ତକକୁ ସମୀକ୍ଷା କରିଥିଲେ। ଏହି ଅବସରରେ ନାଟ୍ୟକାର ମୀନାକୁମାରୀ ନିଜର ଲେଖକୀୟ ଅନୁଭୂତି ଓ ଅଭିଜ୍ଞତା ସମ୍ପର୍କରେ ସୂଚନା ଦେଇଥିଲେ। ସାମ୍ବାଦିକ ରତିକାନ୍ତ ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ ସହିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶିନୀ ଓ ଅର୍ଚ୍ଚିସା ପାଣିଗ୍ରାହୀ ଭଜନ ପରିବେଷଣ କରିଥିବା ବେଳେ ସାଇ ଜୀଜ୍ଞାସା ଜେନା ବେଦପାଠ କରିଥିଲେ।

## ଦିଲ୍ଲୀରେ ଗତ ୨୪ ଘଂଟାରେ ୨୨୦ କରୋନାର ନୂଆ ମାମଲା

ଦିଲ୍ଲୀ,୦୨/୦୩(ନି.ପ୍ର): ଦିଲ୍ଲୀରେ ଗତ ୨୪ ଘଂଟାରେ ୨୧୭ ନୂଆ କରୋନାର ମାମଲା ସାମନାକୁ ଆସିଛି । ଦିଲ୍ଲୀ ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୬,୩୯,୬୮୧ ହୋଇ ଯାଇଛି । ବର୍ତ୍ତମାନ ଯାଏ ୧୦,୯୧୧ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି ।

## ସାମ୍ବାଦିକଙ୍କ ପରିବାରକୁ ସହାୟତା

ଭୁବନେଶ୍ୱର,୦୨/୦୩(ନି.ପ୍ର): କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିବା ସାମ୍ବାଦିକ ପ୍ରବୀର କୁମାର ପ୍ରଧାନଙ୍କ ପତ୍ନୀଙ୍କୁ ୧୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସାହାଯ୍ୟ ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସନତ କୁମାର ମହାନ୍ତି ଆଜି ଏହି ଚେକ୍ ପ୍ରବୀରଙ୍କ ପତ୍ନୀ ସସ୍ମିତା ସ୍ୱାଇଁଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟଳୟରେ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ କରୋନାରେ ଆକ୍ରାନ୍ତ ହେବା ଯୋଗୁଁ ବୈଦ୍ୟୁତିକ ଗଣମାଧମ ନିଉଜ-୧୮ର ଭୁବନେଶ୍ୱର ପ୍ରତିନିଧି ପ୍ରବୀର କୁମାର ପ୍ରଧାନଙ୍କ ମୃତ୍ୟୁ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସୁପାରିଶ କ୍ରମେ ରାଜ୍ୟ ସରକାର ୧୫ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ମଞ୍ଜୁର କରିଥିଲେ।

## ଜ୍ୟୋତି ହସପିଟାଲରେ କୋଭିଡ ଟିକା ପ୍ରଦାନ ଶୁଭାରମ୍ଭ

ବାଲେଶ୍ୱର,୦୨/୦୩ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ଜ୍ୟୋତି ହସପିଟାଲରେ ମଙ୍ଗଳବାର କୋଭିଡ ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି । ଜ୍ୟୋତି ହସପିଟାଲର ନିର୍ଦ୍ଦେଶକ ଫାଦର ପଲ କୁନମ ପରମପଥ ଡାକ୍ତରଖାନା ପରିସରରେ ନୂତନ ଭାବେ ସ୍ଥାପିତ ହୋଇଥିବା ଭେକ୍ସିନ ସେଂଟରରେ ଏହି ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବେସରକାରୀ ହସପିଟାଲରେ କୋଭିଡ ଭେକ୍ସିନେସନ ଭଳି ସରକାରଙ୍କ ନିଷ୍ପତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ଫାଦର ପଲ କହିଥିଲେ । ଏହାଦ୍ୱାରା ଅଧିକରୁ ଅଧିକ ଲୋକେ ଉପକୃତ ହୋଇପାରିବେ ବୋଲି ସେ ଆଶାପ୍ରକାଶ କରିଥିଲେ । ଜ୍ୟୋତି ହସପିଟାଲକୁ ଦୈନିକ କୋଟା ହିସାବରେ ୧୦୦ଟି ଡୋଜ ମିଳିଥିବା ବେଳେ ଅଧିକ ସଂଖ୍ୟକ ବ୍ୟକ୍ତିଙ୍କ ପାଇଁ ଆଗାମୀ ଦିନରେ ବ୍ୟବସ୍ଥା କରାଯିବ ବୋଲି ଫାଦର ପଲ କହିଥିଲେ। ପୂର୍ବତନ ଏଡିଏମଓ ଡାକ୍ତର ବନବିହାରୀ ଦାସମହାପାତ୍ର ଓ ଜ୍ୟୋତି ହସପିଟାଲର ଡାକ୍ତର ଶ୍ରୀମତୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ମହାନ୍ତି ବରିଷ୍ଠ ନାଗରିକ ଭାବେ ପ୍ରଥମେ ଟିକା ନେଇଥିଲେ । ପରେ ଇଂ ଶିବପ୍ରସାଦ ବେହେରା, ଭାନୁମତୀ ଦାସ, କୁସୁମ ମଞ୍ଜରୀ ଦାସମାହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନାଗରିକ ଟିକା ନେଇଥିଲେ । ଟିକା ନେଉଥିବା ବ୍ୟକ୍ତିଙ୍କୁ ଅଧ ଘଣ୍ଟାଏ ପର୍ଯ୍ୟନ୍ତ ପର୍ଯ୍ୟବେକ୍ଷଣରେ ରଖାଯାଇଥିଲା । ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟେକ ଟିକା ପାଇଁ ୧୫୦ ଟଙ୍କା ଓ ସର୍ଭିସ ଚାର୍ଜ ବାବଦରେ ୧୦୦ ଟଙ୍କା ମିଶାଇ ମୋଟ ୨୫୦ ଟଙ୍କା ନିଆଯାଉଥିବା ହସପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।

# ବାଲିଆପାଳରେ ବୟସ୍କଓ ବିଭିନ୍ନ ରୋଗରେ ପୀଡିତ ଲୋକଙ୍କର ଟିକା କରଣର ଶୁଭାରମ୍ଭ

ବାଲିଆପାଳ,୦୨/୦୩ (ନି.ପ୍ର): ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ୬୦ ବର୍ଷରୁ ଉର୍ଦ୍ଧ ବୟସ୍କ ଓ ୪୫ ରୁ ୫୯ ବର୍ଷ ପର୍ଯ୍ୟନ୍ତ ବିଭିନ୍ ରୋଗରେ ପୀଡିତ ଲୋକଙ୍କର ଟୀକା କରଣ ଆରମ୍ଭ ହୋଇଛି । ୧୯୧ ଜଣ ୬୦ ରୁ ଉର୍ଦ୍ଧ ବୟସ୍କ ବ୍ୟକ୍ତି କୋଭିଡ ଟୀକା ନେଇଥିବାବେଳେ ୪୫ ରୁ ୫୯ ବର୍ଷର ପର୍ଯ୍ୟନ୍ତ ବୟସର ୯ ଜଣକୁ ଟୀକା ଦିଆଯାଇଛି । ଟୀକା ନେବା ପାଇଁ ଲୋକଙ୍କ ଭିତରେ ପ୍ରବଳ ଉତ୍ସାହ ଥିବା ଦେଖିବାକୁ ମିଳିଥିଲା । ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ସୁପରଭାଇଜର ରମାନଥ କରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଡାକ୍ତର ନ୍ୟୁଶ୍ରୀ ପାଣି, ଡାକ୍ତର ଶୁବାଶିଷ ଦାସ, ଡାକ୍ତର



ତପନ ଜେନା, ପି.ଏଚ.ଇ.ଓ ଝୁନାବାଳା ଦେ, ଡାଟା ମ୍ୟାନେଜର ଜୀବନ ପାଢୀ, ଫାର୍ମାସିଷ୍ଟ ବିଶ୍ୱନାଥ ଦାସ, ନର୍ସ ତୃପ୍ତିଲତା ଦାସ, ଏ.ଏନ.ଏମ ନନ୍ଦିତା ପଣ୍ଡା, ନିଳିମା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆସନ୍ତା କାଲି ଅନ୍ୟ ୨୦୦ ଜଣ ବ୍ୟକ୍ତିଙ୍କୁ ଟୀକା କରଣ କାର୍ଯ୍ୟରେ ସାମିଲ କରାଯିବ ବୋଲି ସ୍ୱାସ୍ଥ୍ୟ ସୁପରଭାଇଜର ରମାନାଥ କର କହିଛନ୍ତି ।

## ଅଧିକ ଟିକାଦାନ କେନ୍ଦ୍ର ଚିହ୍ନଟ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୦୨/୦୩(ନି.ପ୍ର): କରୋନା ଟିକାକରଣକୁ ଆହୁରି ଜୋରଦାର କରିବା ପାଇଁ ଅଧିକ ଟିକା କେନ୍ଦ୍ର ଖୋଲିବା ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲ୍ଲାପାଳ ଓ ନଗରନିଗମ କମିଶନରଙ୍କୁ ମଙ୍ଗଳବାର ଚିଠି ଲେଖିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରାଳୟର ନିୟମ ଅନୁସାରେ ଘରୋଇ ହସ୍ପିଟାଲରେ ଆବଶ୍ୟକ ସୁବିଧା ଥିଲେ ଜଣାଇବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ଆବଶ୍ୟକ କୋଲ୍ଡ ଚେନ, ଟିକା କେନ୍ଦ୍ର କରିବା ପାଇଁ ପ୍ରକୋଷ୍ଠ, ଅପେକ୍ଷା ଗୃହ ଏବଂ ଟିକା ନେବା ପରେ ନିରୀକ୍ଷଣ କେନ୍ଦ୍ର , ତାଲିମ୍ ପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ଥିଲେ ଜଣାଅ। ସ୍ୱାସ୍ଥ୍ୟ କର୍ମୀ , ସମ୍ମୁଖ କରୋନା ଯୋଦ୍ଧାଙ୍କ ପରେ ବୟସ୍କ ମାନଙ୍କୁ କରୋନା ଟିକା ଦାନ ଆରମ୍ଭ ହୋଇଛି। ସରକାରୀ ହସ୍ପିଟାଲ ସମେତ କେନ୍ଦ୍ର ସ୍ୱାସ୍ଥ୍ୟ ଯୋଜନା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନୁମୋଦିତ ଘରୋଇ ହସ୍ପିଟାଲରେ ମଧ୍ୟ ଟିକା ଦିଆଯାଉଛି। ଏହାକୁ ଅଧିକ ତ୍ୱରାନ୍ୱିତ କରିବାକୁ ଉପରୋକ୍ତ ସୁବିଧା ଥାଇ କେନ୍ଦ୍ର ଓ ରାଜ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ଘରୋଇ ହସ୍ପିଟାଲ ଚିହ୍ନଟ କରିବାକୁ ଜିଲ୍ଲାପାଳ ଓ କମିଶନରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ, ଗତକାଲିଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ କରୋନା ଟିକାକରଣ ଆଜି ମଧ ଜାରି ରହିଛି।

# ରୂପ୍‌ସା ସମବାୟ ସମିତି ସମ୍ମୁଖରେ ବିକ୍ଷୋଭ

ବସ୍ତା,୦୨/୦୩ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ କଷିପଦା ସମବାୟ ସମିତିରେ ଧାନ କିଣାବିକାରେ ବ୍ୟାପକ ଅନିୟମିତ ତା ଦେଖିବାକୁ ମିଳିଛି। ଗୋଟିଏ ପଟେ ଚାଷିଙ୍କ ପାଇଁ ବିଧାନସଭା ଅଚଳାବସ୍ଥା ହେଉଥିବା ବେଳେ ଆଉ ଗୋଟେ ପଟେ କଷିପଦା ସମବାୟ ସମିତିରେ ସେକ୍ରେଟେରୀ ସତ୍ୟ ପ୍ରକାଶ ପାଢି ଚାଷିଙ୍କ ଟୋକନ ନମ୍ବର୍ କୁ ଖାତିର ନକରି କିଛି ଧାନ ବେପାରୀ ଙ୍କ ପାଖରୁ ଚୋରାରେ ଧାନ କ୍ରୟ କରୁଥିବା ନେଇ ଚାଷୀ ମହଲରେ ତିବ୍ର ଉତ୍ତେଜନା ପ୍ରକାଶ ପାଇଛି। ମଙ୍ଗଳବାର ଦିନ ପୂର୍ବାହ୍ନ ରେ ରୂପସା କଷିପଦା ସମବାୟ ସମିତି ସମ୍ମୁଖରେ ଚାଷୀମାନେ ଏକତ୍ରିତ ହୋଇ



ବିକ୍ଷୋଭ ପ୍ରଦର୍ଶନ କରି ବା ସହିତ ସମବାୟ ସମିତି ର ଫାଟକ ସମ୍ମୁଖ ରେ ଧାନ ବସ୍ତା ପକାଇ ଚାଷୀ ମାନେ ଧାରଣା ଦେଇଥିଲେ । ଚାଷିଙ୍କୁ ମିଳିଥିବା ଟୋକନର ନିର୍ଦ୍ଧାରିତ ତାରିଖରେ ସେକ୍ରେଟେରୀ ଧାନ ନେଇ ଧାନ ବେପାରୀ ଙ୍କ ଧାନ ପାଖାପାଖି ଦଶ ହଜାର କୁଇଣ୍ଟାଲ ନିଆଯାଇଥିବା କଥା ଚାଷୀ ମାନେ ସିଧା ସଳଖ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ତଦନ୍ତ କରିବା ଉଦ୍ଦେଶ୍ୟରେ ଚାଷୀ ମାନେ ବାଲେଶ୍ୱର ଜିଲ୍ଲାପାଳଙ୍କ ଠାରେ ଏକ ସ୍ମାରକପତ୍ର ଦେଇଛନ୍ତି। ସମବାୟ ସମିତିର ସେକ୍ରେଟେରୀ ଧାନ ମାଫିଆ ମାନଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ଯୋଗୁ ଟୋକନ ଥାଇ ମଧ୍ୟ ଧାନ ଦେଇପାରୁ ନାହାନ୍ତି ଚାଷୀ । ତେବେଏହି ବିକ୍ଷୋଭରେ ରୂପସାର ସାମିଲ ହସନ୍ ପୁର୍ ର ସରପଞ୍ଚ ସଞ୍ଜୟ ସେଠି ଙ୍କ ସମେତ ବିଜେଡି ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ମାୟାଧର ଜେନା, ରୁନା ପଟ୍ଟନାୟକ, ଗୌର ହରି ସେନାପତି, ବିଜୟ ପରିଡା, ଡାକ୍ତର ମହାପାତ୍ର ଓ ଖଗେଶ୍ୱର ମହାଳିକ ଉପସ୍ଥିତ ଥିଲେ। ଯଦି ଏହି ତଦନ୍ତ କିଛି ବି ବାଟବଣା ହୁଏ ଚାଷୀ ମାନେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀମାନେ ସୂଚନା ଦେଇଛନ୍ତି ।

# ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ବାର୍ଷିକ ଉତ୍ସବ

ବସ୍ତା,୦୨/୦୩ (ନି.ପ୍ର):ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଧାନହଣ୍ଡା ଭକ୍ତ ସେବାସଂଘ ପକ୍ଷରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମ୍ ହଂସ ଦେବଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଅଛି । ପୁରୀ କର୍ମଳା ମଠରୁ ଦେବାନନ୍ଦ ଦାସ ମହାରାଜ ଓ ଧର୍ମାନନ୍ଦ ଦାସ ମହାରାଜ ଯୋଗ ଦେଇଥିଲେ । ଗତ ସମୋବାର ଧାନହଣ୍ଡା ସ୍ଥିତ ମନ୍ଦିରରେ ଠାକୁର ଅଭିରାମ ପରମହଂସଦେବଙ୍କ ନିକଟରେ ଅଷ୍ଟମ ପ୍ରହରି ନାମ ସଂକିର୍ତ୍ତନ ପୂଜାର୍ଚ୍ଚନା ଓ ଚଣ୍ଡି ପାଠ ଆରମ୍ଭ ହୋଇଥିଲା । ମଙ୍ଗଳବାର ଯଜ୍ଞ. ପ୍ରବଚନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଅଛି । ଅନୁଷ୍ଠାନର ସଭାପତି ଅଖିଳ ବେହେରାଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିବାବେଳେ ଅନୁଷ୍ଠାନର ସମ୍ପାଦକ ଗୌରାଙ୍ଗ ବେହେରା, ଅବସରପ୍ରାପ୍ତ



ଅଧ୍ୟାପକ ଡଃ ଭାଗବତ ପ୍ରସାଦ ବେହେରା, ସମାଜ ସେବି ଅନାଦି ଚରଣ ସିଂ. ସମାଜସେବି ଦେବେନ୍ଦ୍ର ବେହେରା, ବହୁ ମାନ୍ୟଗନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଭକ୍ତ ଅମର ଜିତ୍ ଗିରି, ଅଭିମନ୍ୟୁ ବାରିକ, ନଗେନସିଂ, ଶିବପ୍ରସାଦ ବେହେରା, ଅନନ୍ତ ସିଂ, ନବଗିରି, ଉମେଶ ବେହେରା, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କୋଣାର୍କ କ୍ଲବରେ ବୀରେନ ପଲେଇ ଶ୍ରାଦ୍ଧବାର୍ଷିକୀ

ଭଦ୍ରକ,୦୨/୦୩ (ନି.ପ୍ର): ଭଦ୍ରକ ବାଲିପାଟଣା ଗ୍ରାମ ସ୍ଥିତ କୋଣାର୍କ କ୍ଲବ ପରିସରରେ ପୂର୍ବତନ ବିଧାୟକ, ଜିଲ୍ଲା କଂଗ୍ରେସ ସଭାପତି, ପୌର ପାଳିକାର ଅଧ୍ୟକ୍ଷ ସ୍ୱର୍ଗତ ବୀରେନ ପଲେଇଙ୍କ ୨୦ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ପ୍ରଥମେ କ୍ଲବର ଉପଦେଷ୍ଟା ସମାଜସେବୀ ସୁଧାକର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ଲବର ସଦସ୍ୟମାନେ କ୍ଲବ ପରିସରରେ ଥିବା ସ୍ୱର୍ଗତ ପଲେଇଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଧୂପ, ଦୀପ ନେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ କ୍ଲବର ସଭାପତି ମାୟାଧର ରାଉତଙ୍କ ସଂଯୋଜନାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱର୍ଗତ ପଲେଇଙ୍କ ଗୁଣାବଳୀର ଆଲୋଚନା କରାଯିବା ସହ ତାଙ୍କ ନୀତି ଆଦର୍ଶକୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo